Odia Daily

www.theutkalsamachar.com

ଉତ୍କଳ ସମାଚାର

ବୈପ୍ଳବିକ ଚେତନାର ମୁଖପତ୍ର

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR

Postal Regn. No.OR/SUN-07/2007-09 ◆ RNI. Regd. No.ORIORI/2004/17448

✦Vol - 21✦ Issue No:262✦ 18 January 2026 (Sunday) ✦ Rourkela ✦ Rs.2.00 ✦ Page -1 ✦୨୧ ବର୍ଷ ✦ସଂଖ୍ୟା:୨୬୨✦ ୧୮ ଜାନୁଆରୀ ୨୦୨୬ (ରବିବାର)✦ ରାଉରକେଲା ✦ମୂଲ୍ୟ:ଟ.୨.୦୦✦ ପୃଷ୍ଠା-୬

୭୭ତମ ଗଣତନ୍ତ୍ର ଦିବସ, ନଦୀ ନାମରେ ହେବ ସିଟ୍‌ର ନାମକରଣ

ଭୁବନେଶ୍ୱର,୧୭/୧(ନି/ପ୍ର): ଗଣତନ୍ତ୍ର ଦିବସ ସମାରୋହରେ ବର୍ଷ ବର୍ଷ ଧରି ପ୍ରଚଳିତ ଭିଆଇପି ଜଲ୍‌ଚରରେ ପୂର୍ଣ୍ଣଛେଦ ପଡ଼ିବ । ପରେରୁ ଦେଖିବାକୁ ଆସୁଥିବା ଅତିଥିଙ୍କ ଚେୟାରରେ ଏଣିକି ଭିଭିଆଇପି, ଭିଆଇପି ଓ ଡିଗ୍ନିଟୀ ଲେଖାଯିବ ନାହିଁ । ଏହା ବଦଳରେ ଦେଶର ନଦୀମାନଙ୍କର ନାମ ଲେଖାଯିବ । ଏଥିସହିତ ବିଟିଜ୍ ରିଟ୍ରିଟ୍ ସମାରୋହ ପାଇଁ ବାଦ୍ୟଯନ୍ତ୍ରଗୁଡ଼ିକର ନାମ ଅନୁସାରେ ଗ୍ୟାଲେରୀର ନାମ ରଖାଯିବ । ରକ୍ଷା ସଚିବ ରାଜେଶ କୁମାର ସିଂହ ଶୁକ୍ରବାର ଏହି ସୂଚନା ଦେଇଛନ୍ତି । ସରକାରଙ୍କ ଅନୁସାରେ, ଏହି ପରିବର୍ତ୍ତନ ଫଳରେ ସାଧାରଣ ଜନତା ଓ ଭିଆଇପିଙ୍କ ମଧ୍ୟରେ ଅନ୍ତର କମିବ । ଭାରତୀୟ ସଂସ୍କୃତି, ଐତିହ୍ୟ ଓ ସମାନତାକୁ ପ୍ରୋତ୍ସାହନ ମିଳିବ । ଏଥିସହିତ ପ୍ରତ୍ୟେକ ନାଗରିକ ନିଜକୁ ସମକକ୍ଷ ଅନୁଭବ କରିବେ । ଗଣତନ୍ତ୍ର ଦିବସରେ ବସିବାର ପୂର୍ବ ପ୍ରଚଳିତ ବ୍ୟବସ୍ଥାରେ ଭିଭିଆଇପିର ଅର୍ଥ ଅତି ସ୍ୱତନ୍ତ୍ର ବ୍ୟକ୍ତିବିଶେଷ- ରାଷ୍ଟ୍ରପତି, ଉପରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ । ସବୁଠୁ ଆଗରେ, ସବୁଠୁ ସୁରକ୍ଷିତ ଓ ସବୁଠୁ ଆରାମଦାୟକ ସ୍ଥାନ ସେମାନଙ୍କ ପାଇଁ ଥାଏ । ଭିଆଇପି ସିଟ୍ ସାଂସଦ, ବିଧାୟକ, ବରିଷ୍ଠ ଅଧିକାରୀଙ୍କ ପାଇଁ ସୁରକ୍ଷିତ ଥାଏ । ଡିଗ୍ନିଟୀ ଅର୍ଥସମ୍ମାନିତ ବ୍ୟକ୍ତି । ଏହି ସିଟ୍ ବିଦେଶୀ ଅତିଥି, ନ୍ୟାୟାଧୀଶ, ସେନାର ଉଚ୍ଚାଧିକାରୀ ଓ ବିଶେଷ ଆମନ୍ତ୍ରିତ ବ୍ୟକ୍ତିଙ୍କ ପାଇଁ ଉଦ୍ଦିଷ୍ଟ । ସୂଚନାଯୋଗ୍ୟ, ସୁରୋପୀୟ ପରିଷଦର ମୁଖ୍ୟ ଅଧ୍ୟକ୍ଷ ୭୭ତମ ଗଣତନ୍ତ୍ର ଦିବସର ମୁଖ୍ୟ ଅତିଥି ହେବେ ।

ଗାଜା ଶାନ୍ତି ବୋର୍ଡ ଘୋଷଣା କଲେ ଟ୍ରମ୍ପ: ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଭାରତୀୟ

ୱାଶିଂଟନ,୧୭/୧: ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଗାଜା ପ୍ରଶାସନ ପାଇଁ ଏକ ଶାନ୍ତି ବୋର୍ଡ ଗଠନ ସମ୍ପର୍କରେ ଘୋଷଣା କରିଛନ୍ତି । ଗାଜାରେ ସଂଘର୍ଷ ସମାପ୍ତ କରିବା ପାଇଁ ଟ୍ରମ୍ପଙ୍କ ଯୋଜନାର ଦ୍ୱିତୀୟ ପର୍ଯ୍ୟାୟରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି କୁହାଯାଇଛି । ରାଷ୍ଟ୍ରପତି ଟ୍ରମ୍ପ ପୂର୍ବତନ ବ୍ରିଟିଶ ପ୍ରଧାନମନ୍ତ୍ରୀ ଟୋନି ବ୍ଲେୟାରଙ୍କୁ ଶାନ୍ତି ବୋର୍ଡରେ ସାମିଲ କରିଛନ୍ତି । ହ୍ୱାଇଟ୍ ହାଉସ୍ ପକ୍ଷରୁ କୁହାଯାଇଛି, ବ୍ଲେୟାର ବୋର୍ଡର ପ୍ରତିଷ୍ଠାତା କାର୍ଯ୍ୟନିର୍ବାହୀ ସଦସ୍ୟ ହେବେ । ତାଙ୍କ ସହିତ ଆମେରିକାର ବୈଦେଶିକ ମନ୍ତ୍ରୀ ମାର୍କୋ ରୁବିଓ, ଟ୍ରମ୍ପଙ୍କ ଜ୍ୱାଇଁ ଜାରେଡ୍ କୁଶନର ଓ ମଧ୍ୟପ୍ରାଚ୍ୟ ପାଇଁ ଆମେରିକାର ସ୍ୱତନ୍ତ୍ର ଦୂତ ଷ୍ଟିଭ୍ ୱିଟକଫ ମଧ୍ୟ ପ୍ରତିଷ୍ଠାତା କାର୍ଯ୍ୟନିର୍ବାହୀ ସଦସ୍ୟ ରହିବେ । ବୋର୍ଡର ଅଧ୍ୟକ୍ଷ ଭାବେ ଟ୍ରମ୍ପ କାର୍ଯ୍ୟ କରିବେ । ବୋର୍ଡରେ ବିଶ୍ୱ ବ୍ୟାଙ୍କ ମୁଖ୍ୟ ଅଜୟ ବାଙ୍ଗା, ଘରୋଇ ଇକ୍ୱିଟି ଫାର୍ମ ମୁଖ୍ୟ ମାର୍କ ରୋୱାନ୍ସ ଏବଂ ଆମେରିକାର ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍‌ଏସ୍‌ଏ) ଦରବର୍ଗାତ୍ମିଲ ମଧ୍ୟ ସାମିଲ ଅଛନ୍ତି । ହ୍ୱାଇଟ୍ ହାଉସ୍ ଅନୁସାରେ ପ୍ରତ୍ୟେକ ସଦସ୍ୟଙ୍କ ପାଖରେ ଏକ ପୋର୍ଟଫୋଲିଓ ରହିବ ଯାହା ଗାଜାର ସ୍ଥିରତା ଓ ଦୀର୍ଘକାଳୀନ ସମ୍ପର୍କର ପାଇଁ ଗୁରୁତ୍ୱପୂର୍ଣ୍ଣ ହେବ । ଟ୍ରମ୍ପ ଏହାକୁ ସର୍ବଶ୍ରେଷ୍ଠ ଏବଂ ସବୁଠାରୁ ପ୍ରତିଷ୍ଠିତ ବୋର୍ଡ ବୋଲି କହିଛନ୍ତି । ଶାନ୍ତି ବୋର୍ଡର ଘୋଷଣା ପୂର୍ବରୁ ଯୁଦ୍ଧ ପରବର୍ତ୍ତୀ ଗାଜାରେ ଦୈନନ୍ଦିନ ପ୍ରଶାସନ ପାଇଁ ଦାୟିତ୍ୱରେ ଥିବା ଏକ ୧୫ ଜଣିଆ ପାଲେଷ୍ଟାଇନୀ ଟେକ୍ନୋକ୍ରାଟିକ୍ କମିଟି ଗଠନ କରାଯାଇଥିଲା । ଅଲି ଶାଥଙ୍କୁ ନବଗଠିତ ଗାଜା ପ୍ରଶାସନ ପାଇଁ ଜାତୀୟ କମିଟି (ଏନ୍‌ସିଏଚି)ର ମୁଖ୍ୟ ନିଯୁକ୍ତ କରାଯାଇଛି । ଅଲି ଶାଥଙ୍କୁ ପାଲେଷ୍ଟାଇନୀ ପ୍ରାଧିକରଣ (ପିଏ)ରେ ଉପମନ୍ତ୍ରୀ ନିଯୁକ୍ତ କରାଯାଇଛି । ହ୍ୱାଇଟ୍ ହାଉସ୍ କହିଛି, ମଧ୍ୟପ୍ରାଚ୍ୟରେ ପୂର୍ବତନ ଜାତିସଂଘ ପ୍ରତିନିଧି ବୁଲଗେରିଆନ୍ ରାଜନେତା ନିକୋଲାଏ ମଲାଡେନୋଭ ଗାଜାରେ ବୋର୍ଡର ପ୍ରତିନିଧି ଭାବେ ଏନ୍‌ସିଏଚିରେ କାମ କରିବେ ଟ୍ରମ୍ପଙ୍କ ଯୋଜନା ଅନୁସାରେ ଗାଜାରେ ଏକ ଅନ୍ତର୍ବର୍ତ୍ତୀୟ ସ୍ଥିରୀକରଣ ବାହିନୀ (ଆଇଏସ୍‌ଏଫ୍)ମୁତୟନ କରିବାକୁ କୁହାଯାଇଛି । ଏହି ବାହିନୀ ପାଲେଷ୍ଟାଇନୀ ପୁଲିସ ବାହିନୀକୁ ତାଲିମ ପ୍ରଦାନ କରିବା ସହ ଆବଶ୍ୟକ ସହାୟତା ଯୋଗାଇ ଦେବ ।

ବିହାରର ମଧେପୁରାରେ ସଡ଼କ ଦୁର୍ଘଟଣା: ଚାଲିଗଲା ୪ ସାଙ୍ଗଙ୍କ ଜୀବନ

ପାଟନା,୧୭/୧: ବିହାରର ମଧେପୁରାରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଶନିବାର ସକାଳେ ୪ ଜଣ ଲୋକଙ୍କର ମୃତ୍ୟୁ ହୋଇଛି । ଜାତୀୟ ରାଜପଥ -୧୦୬ରେ ଥିବା ପାଖାର ଗ୍ରାଡ ନିକଟରେ ଦ୍ରୁତଗତିରେ ଆସୁଥିବା ଏକ ହାଇଡ୍ରା ଟ୍ରକ୍ ଏକ କାରକୁ ଧକ୍କା ଦେଇଥିଲା । ଦୁର୍ଘଟଣାର ପ୍ରଭାବ ଏତେ ଭୟଙ୍କର ଥିଲା ଯେ କାରଟି ସମ୍ପୂର୍ଣ୍ଣ ଭାବେ ଭାଙ୍ଗିଚୁରି ଯାଇଥିଲା ଏବଂ ସ୍ଥାନୀୟ ଲୋକ ଏବଂ ପୁଲିସ କାରରେ ଫସି ରହିଥିବା ମୃତଦେହଗୁଡ଼ିକୁ ବାହାର କରିଥିଲେ । ସୂଚନା ପାଇ ପୁଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲା । କିନ୍ତୁ ସେତେବେଳକୁ କାରରେ ଥିବା ସମସ୍ତ ଲୋକଙ୍କର ମୃତ୍ୟୁ ହୋଇସାରିଥିଲା ବୋଲି ପୁଲିସ କହିଛି । ପୁଲିସ ମୃତଦେହଗୁଡ଼ିକୁ ଜବତ କରି ବ୍ୟବଚ୍ଛେଦ କରିବା ପାଇଁ ଜିଲ୍ଲା ହସ୍ପିତାଲକୁ ପଠାଇଛି । ମୃତକମାନେ ସୋନୁ କୁମାର (୩୫), ସାଜିଲ କୁମାର ରାଜ୍ (୩୨), ସଜନ କୁମାର ଯାଦବ (୨୮) ବୋଲି ଜଣାପଡ଼ିଛି । ଚତୁର୍ଥ ମୃତଙ୍କ ପରିଚୟ ମିଳିପାରିନି । ଚାରିଜଣ ଯାକ ବନ୍ଧୁ ହୋଇଥିବାବେଳେ ମଧେପୁରା ସହରର ଏକ ନର୍ସିହୋମରୁ ଫେରୁଥିବା ସମୟରେ ଦୁର୍ଘଟଣାର ଶିକାର ହୋଇଥିଲେ । ସୋନୁ ଏକ ପୁତ୍ର ସନ୍ତାନର ବାପା ହୋଇଥିବା ଖୁସିରେ ଶୁକ୍ରବାର ୪ ଜଣ ବନ୍ଧୁ ନର୍ସିହୋମରୁ ବୁଲିବାକୁ ଯାଇଥିଲେ । ଶନିବାର ସେମାନେ ମେଡିକାଲ କଲେଜରେ ଚିକିତ୍ସା ପାଇଁ ଭର୍ତ୍ତି ହୋଇଥିବା ଅନ୍ୟ ଜଣେ ପରିଚିତ ଲୋକଙ୍କୁ ଭେଟିବାକୁ ଯାଇଥିବାବେଳେ ଦୁର୍ଘଟଣାରେ ସେମାନଙ୍କର ମୃତ୍ୟୁ ହୋଇଥିଲା । ଷ୍ଟେସନ ହାଉସ୍ ଅଫିସର ବିମଲେଶ୍ୱର କୁମାର କହିଛନ୍ତି, ଦୁର୍ଘଟଣା ସମ୍ପର୍କରେ ସୂଚନା ପାଇବା ପରେ ଆମ୍ବୁଲାନ୍ସକୁ ଘଟଣାସ୍ଥଳକୁ ଡକାଯାଇଥିଲା ।

ଛତିଶଗଡ଼ ବିଜାପୁରରେ ଏନକାଉଣ୍ଟର, ୨ ମାଓବାଦୀ ନିହତ

କୋରାପୁଟ,୧୭।୧(ନି/ପ୍ର): ଛତିଶଗଡ଼ ବିଜାପୁରରେ ମାଓବାଦୀ-ସୁରକ୍ଷାବାହିନୀ ମଧ୍ୟରେ ଗୁଳି ବିନିମୟ । ଏନକାଉଣ୍ଟରେ ଦୁଇ ଜଣ ମାଓବାଦୀ ନିହତ ହୋଇଥିବା ଜଣାପଡ଼ିଛି । ଘଟଣାସ୍ଥଳରେ ଟପ୍ ମାଓନେତା ପାପା ରାଓ ଥିବା ସୂଚନା ମିଳିଛି । ଡିଆରଜି, ଏସଟିଏଫ୍ ଏବଂ ସିଆରପିଏଫ୍ ବାହିନୀର ମିଳିତ ଅପରେସନ୍ ହୋଇଥିବା ବିଜାପୁର ଏସପି ଜିତେନ୍ଦ୍ର ଯାଦବ ସୂଚନା ଦେଇଛନ୍ତି । ଶନିବାର ସକାଳେ କିଲ୍ଲାର ଉତର-ପଶ୍ଚିମ ଅଞ୍ଚଳର ଜଙ୍ଗଲି ପାହାଡ଼ିଆ ଅଞ୍ଚଳରେ ଗୁଳିବିନିମୟ ଆରମ୍ଭ ହୋଇଥିଲା । ଏଠାରେ ମାଓବାଦୀଙ୍କ ଉପସ୍ଥିତି ସମ୍ପର୍କରେ ସୂଚନା ମିଳିବା ପରେ ସୁରକ୍ଷା ବାହିନୀର ଯୁଗ୍ମ ଦଳ ଚଲାସି ଅଭିଯାନ ଚଳାଇଥିଲେ । ଏପର୍ଯ୍ୟନ୍ତ ଘଟଣାସ୍ଥଳରୁ ଦୁଇ ଜଣ ନକ୍ସାଲଙ୍କ ଶବ ଓ କିଛି ଅସ୍ତ୍ର ଜବତ ହୋଇଛି । ଏବେ ବି ଘଟଣାସ୍ଥଳରେ ଗୁଳି ବିନିମୟ ଜାରି ରହିଛି । ଆହୁରି ବିସ୍ତୃତତଥ୍ୟ ମିଳିପାରେ ବୋଲି ଅଧିକାରୀ କୁହିଛନ୍ତି ।

ବନ୍ଦେ ଭାରତ ୪.୦; ୨୦୪୭ ସୁଦ୍ଧା ସାରା ଦେଶର ଚାଲିବ ୪,୫୦୦ ବନ୍ଦେ ଭାରତ

ନୂଆଦିଲ୍ଲୀ,୧୭।୧: ଭାରତୀୟ ରେଳବାଇରେ ଏବେ ଏକ ଐତିହାସିକ ପରିବର୍ତ୍ତନ ହେବାକୁ ଯାଉଛି । ଭବିଷ୍ୟତର ବନ୍ଦେ ଭାରତ ୪.୦ ଟ୍ରେନଗୁଡ଼ିକ ଘଣ୍ଟା ପ୍ରତି ୩୫୦ କିମି ବେଗରେ ଦୌଡ଼ିବ, ଯାହା ଭାରତକୁ ବିଶ୍ୱର ଦ୍ରୁତତମ ରେଳ ବ୍ୟବସ୍ଥା ଥିବା ଦେଶମାନଙ୍କ ମଧ୍ୟରେ ସ୍ଥାନିତ କରିବ । ରେଳ ମନ୍ତ୍ରଣାଳୟ ଅନୁଯାୟୀ, ଏହି ବିକାଶ ପରବର୍ତ୍ତୀ ପିଢ଼ିର ହାଇ-ସ୍ପିଡ୍ ରେଳ ଯାତ୍ରାକୁ ସୁବିଧା କରିବ । ଏହାକୁ ବିଶେଷ ଭାବରେ ମୁମ୍ବାଇ-ଅହମ୍ମଦାବାଦ ବୁଲେଟ୍ ଭଳି 'ହେଭିଲେଜେଡ୍ ହାଇ-ସ୍ପିଡ୍ କରିଡର' ପାଇଁ ଡିଜାଇନ୍ କରାଯାଇଛି । ପ୍ରଥମ ସେମି ହାଇ-ସ୍ପିଡ୍ ଟ୍ରେନ୍ ଫେବୃଆରୀ ୨୦୧୯ରେ ପ୍ରଚଳନ କରାଯାଇଥିଲା । ସେପ୍ଟେମ୍ବର ୨୦୨୨ରେ ସୁରକ୍ଷା ବୈଶିଷ୍ଟ୍ୟଗୁଡ଼ିକ ବୃଦ୍ଧି କରାଯାଇଥିଲା । ପରବର୍ତ୍ତୀ ସମୟରେ ୨୦୨୫ରେ ଶକ୍ତି କ୍ଷମତା ଏବଂ ଯାତ୍ରୀ ସୁବିଧାଗୁଡ଼ିକ ଉନ୍ନତ କରାଯାଇଥିଲା । ୨୦୨୫ରେ ଏହାର ସ୍ଲିପର୍ କ୍ଲାସିଆଙ୍ଗ ଲଞ୍ଚ କରାଯିବ । ଏହା ଏକ ଦୂରଗାମୀ ଟ୍ରେନ୍ ହେବ ଯାହା ରାତିରେ ମଧ୍ୟ ଚାଲିବ । ୨୦୨୭ରେ ଚତୁର୍ଥ ସଂସ୍କରଣର ଲଞ୍ଚ କରାଯିବ, ଯାହାର ସର୍ବାଧିକ ଗତି ଘଣ୍ଟା୫୦ କିମି ଘଣ୍ଟା ହେବ । ୨୦୪୭ ସୁଦ୍ଧା ସାରା ଦେଶର ୪,୫୦୦ଟି ବନ୍ଦେ ଭାରତ ଟ୍ରେନ୍ ଚାଲୁ କରିବାର ଲକ୍ଷ୍ୟ ରଖାଯାଇଛି । "ବନ୍ଦେ ଭାରତ ୪.୦" ବେଗର ଦ୍ରୁତବେଗ ନୁହେଁ, ଏହା ବିଶ୍ୱର ସର୍ବୋତ୍ତମ ସୁରକ୍ଷା ମାନଦଣ୍ଡକୁ ମଧ୍ୟ ପୂରଣ କରିବ । "କବଚ ୫.୦" ହେଉଛି ଭାରତର ସ୍ୱଦେଶୀ "ସ୍ୱୟଂଚାଳିତ ଟ୍ରେନ ସୁରକ୍ଷା" ସିଷ୍ଟମ । ଏହା ଟ୍ରେନ୍‌ଗୁଡ଼ିକୁ ଦୁର୍ଘଟଣା ହେବାରୁ ଅର୍ଥାତ୍ ଧକ୍କା ହେବାରୁ ରୋକେ, ସିଗନାଲ ଡେଇଁଲେ ସ୍ୱୟଂଚାଳିତ ଭାବରେ ବ୍ରେକ୍ ଲଗାଏ ଏବଂ ଦ୍ରୁତଗତିକୁ ନିୟନ୍ତ୍ରଣ କରେ । ଏହି ପ୍ରଯୁକ୍ତିବିଦ୍ୟା ଟ୍ରେକ୍‌ରେ ସମୟରେ ଶକ୍ତି ଉତ୍ପାଦନ କରେ, ଯାହାକୁ ପରେ ଗ୍ରିଡ୍‌କୁ ପଠାଯାଏ । ଯାହା ଫଳରେ ଯଥେଷ୍ଟ ଶକ୍ତି ସଂଚୟ ହୁଏ । ଏହା ଏକ 'ସେମି ପରମାନେଂଟ କପଲର' ଏବଂ ଅନୁରୂପ ସଂଯୋଜନ ବ୍ୟବହାର କରେ, ଯାହା ସୁନିଶ୍ଚିତ କରେ ଯେ, ଯାତ୍ରୀମାନେ ଉଚ୍ଚ ଗତିରେ ମଧ୍ୟ କୌଣସି ଝଟକା ଅନୁଭବ କରନ୍ତି ନାହିଁ । "ବନ୍ଦେ ଭାରତ ୪.୦"ରେ ବାୟୁ ଜୀବାଣୁ ମୁକ୍ତ କରିବା ପାଇଁ ଏକ ସ୍ୱତନ୍ତ୍ରୀ ଟଟପଲ ଲ୍ୟାମ୍ପ ଆଧାରିତ ଜୀବାଣୁ ମୁକ୍ତି ପ୍ରଣାଳୀ ରହିବ । ସମ୍ପୂର୍ଣ୍ଣ ସିଲ୍ ହୋଇଥିବା ଗ୍ୟାଙ୍ଗୱେଜ୍ ଏବଂ କେନ୍ଦ୍ରୀୟ ନିୟନ୍ତ୍ରିତ ସ୍ୱୟଂଚାଳିତ ସୁଗ୍ ଡୋର୍ ରହିବ । ସ୍ୱତନ୍ତ୍ର ଭାବରେ ଡିଜାଇନ ହୋଇଥିବା ଶୌଚାଳୟ ଏବଂ ବସିବା ବ୍ୟବସ୍ଥା । ପ୍ରତ୍ୟେକ କୋଚ୍‌ରେ ସୁରକ୍ଷା କ୍ୟାମେରା ଏବଂ ଫ୍ଲ ସହିତ ଯୋଗାଯୋଗ ପାଇଁ ଏକ ଜରୁରୀକାଳିନ ୟୁନିଟ୍ ।

ଘଟାଂ ପ୍ରତି ବେଗ ରହିବ ୩୫୦ କିମି

'ଇସି ଲୋକଙ୍କୁ ଉତ୍ସୁକାଉଛନ୍ତି'- ରାହୁଲ

ନୂଆଦିଲ୍ଲୀ,୧୭/୧: ମହାରାଷ୍ଟ୍ରର ପୌର ନିଗମ ନିର୍ବାଚନ ଫଳକୁ ନେଇ କଂଗ୍ରେସ ସାଂସଦ ତଥା ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି । ନିର୍ବାଚନ ଫଳ ଲୋକଙ୍କ ବିଶ୍ୱାସ ତୁଟିଯାଇଛି । ଯାହା ପରୋକ୍ଷରେ ଲୋକଙ୍କୁ ବଡ ଆକୋଳନ ପାଇଁ ଉତ୍ସୁକାଇବା ଭଳି । ଲୋକେ କିପରି ଆନ୍ଦୋଳନର ରାସ୍ତାକୁ ଆସିବେ ସେଥିଲାଗି ଇସି ଉତ୍ସୁକାଉଛନ୍ତି । କାରଣ ମହାରାଷ୍ଟ୍ର



ବିଜେପି ନେତୃତ୍ୱାଧୀନ ମହାଯୁତି ମେଗଟ୍‌କୁ ଯାଇଥିବାବେଳେ ଏହା ପଛରେ ନର୍ବାଚନ ଆୟୋଗ (ଇସି)ଙ୍କ ହେରଫେରକୁ ରାହୁଲ ଦାୟୀ କରିଛନ୍ତି । ସେ କହିଛନ୍ତି ଯେ ନିର୍ବାଚନ ପରିଚାଳନା ପ୍ରକ୍ରିୟାରେ ଇସି ହେରଫେର ଚଳାଇଛନ୍ତି । ଏହାଦ୍ୱାରା ନିର୍ବାଚନ ଆୟୋଗ ଭଳି ସାମ୍ବିଧାନିକ ଅନୁଷ୍ଠାନ ଉପରୁ ପୌର ନିର୍ବାଚନ ମତଦାନ ପରେ ଭୋଟରଙ୍କ ଅଙ୍ଗୁଳିରେ ଯେଉଁ ସ୍ୱତନ୍ତ୍ର କାଳି ଲଗାଯାଇଥିଲା ସେଥିରେ କାଳିଆତି କରାଯାଇଛି । ଭୋଟରଙ୍କ ଅଙ୍ଗୁଳିରେ ଅଲିଭା କାଳି ବଦଳରେ ଲିଭିଯାଇଥିବା କାଳିକୁ ବ୍ୟବହାର କରାଯାଇଥିଲା । ଏହାଦ୍ୱାରା ଜଣେ ଭୋଟର ଏକାଧିକ ଥର ମତଦାନ କରିବାର ସୁଯୋଗ ପାଇଛନ୍ତି ।

ଜାନୁଆରୀ ୩୧ରେ ଛତିଶଗଡ଼ ଯିବ ମହାନଦୀ କମିଟି ୨୩ରେ ବସିବ ସର୍ବଦଳୀୟ ବୈଠକ

ଭୁବନେଶ୍ୱର,୧୭/୧(ନି/ପ୍ର): ଜାନୁଆରୀ ୩୧ରେ ଭୁଇଁସିଆ ଛତିଶଗଡ଼ଗସ୍ତରେ ଯିବେ ରାଜ୍ୟ ସରକାରଙ୍କ ମହାନଦୀ କମିଟି । ତା'ପୂର୍ବରୁ ୨୩ ତାରିଖରେ ବସିବ ସର୍ବଦଳୀୟ ବୈଠକ । ଏହି ବୈଠକରେ ଯାହା ନିଷ୍ପତ୍ତି ବାହାରିବ ସେହି ଆଧାରରେ ଛତିଶଗଡ଼ରେ ପକ୍ଷ ରଖିବ ଟିମ୍ । ଏନେଇ ସୂଚନା ଦେଇଛନ୍ତି ଉପମୁଖ୍ୟମନ୍ତ୍ରୀ ଜେଭି ସିଂହଦେ । ସୂଚନାଯୁଯାୟୀ, ଫେବୃଆରୀ ୭ ତାରିଖରେ ମହାନଦୀ ଟ୍ରିବୁନାଲର ପରବର୍ତ୍ତୀ ଶୁଣାଣି ରହିଛି । ଛତିଶଗଡ଼ ସରକାରଙ୍କ ସହ କଥା ହେବାପରେ ଓଡ଼ିଶା ସରକାର ଟ୍ରିବୁନାଲଙ୍କ ନିକଟରେ ପକ୍ଷ ରଖିବେ । ଆଜି ମହାନଦୀ କମିଟିର ଦ୍ୱିତୀୟ ବୈଠକରେ ନିଷ୍ପତ୍ତି ହୋଇଛି । ରାଜ୍ୟ ଭବନରେ ମହାନଦୀ କମିଟିର ଦ୍ୱିତୀୟ ବୈଠକ ବସିଥିଲା । ଜେଭି ସିଂହଦେଓଙ୍କ ଅଧ୍ୟକ୍ଷତାରେ ବୈଠକ ହୋଇଥିଲା । ରାଜସ୍ୱ ମନ୍ତ୍ରୀ, ଆଇନ ମନ୍ତ୍ରୀଙ୍କ ସହ ବିଜେଡି ବିଧାୟକ ନିରଞ୍ଜନ ପୂଜାରୀ କଂଗ୍ରେସ ବିଧାୟିକା ସୋଫିଆ ଫିର୍ଦୌସ ଏବଂ ସରକାରୀ ବଳ ମୁଖ୍ୟ ସଚେତକ ଉପସ୍ଥିତ ଥିଲେ । ତେବେ ୨୦୧୮ ମାର୍ଚ୍ଚ ୧୨ରେ ଗଠନ ହୋଇଥିବା ଟ୍ରିବୁନାଲ ମାର୍ଚ୍ଚ ୧୩ରେ ଅବଧି ସରିବ । ଅବଧି ବୃଦ୍ଧି କରିବାକୁ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରାଯାଇଛି ।



ଜାତୀୟ ଷ୍ଟାର୍ଟଅପ୍ ଦିବସର ଶୁଭେଚ୍ଛା ଜଣାଇଲେ ଧର୍ମେନ୍ଦ୍ର ପ୍ରଧାନ

ଭୁବନେଶ୍ୱର,୧୭/୧(ନି/ପ୍ର): ଜାତୀୟ ଷ୍ଟାର୍ଟଅପ୍ ଦିବସର ଶୁଭେଚ୍ଛା ଜଣାଇଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଏନେଇ ସୋସିଆଲ ମିଡିଆ ଏକ୍ସରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, 'ବ୍ୟାସନାଲ୍ ଷ୍ଟାର୍ଟଅପ୍ ଡେ' ସେହି ଦୂରଦର୍ଶୀ ପଦକ୍ଷେପର ସ୍ମୃତି, ଯାହା ଭାରତର ଉଦ୍ୟମଶୀଳ ସାମର୍ଥ୍ୟକୁ ବିଶ୍ୱ ମଂଚରେ ଏକ ନୂଆ ପରିଚୟ ଦେଇଛି । ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିବା 'ଷ୍ଟାର୍ଟଅପ୍ ଇଣ୍ଡିଆ' ପଦକ୍ଷେପ ନବୋନ୍ମେଷ ଓ ଯୁବ ଶକ୍ତିକୁ ସଂସ୍ଥାଗତ ସମର୍ଥନ ପ୍ରଦାନ କରିଛି ।

ପୁଣି ଭାରତ-ପାକିସ୍ତାନ ସଂଘର୍ଷ ରୋକିବାର ଶ୍ରେୟ ନେଲେ ଟ୍ରମ୍ପ

ୱାଶିଂଟନ,୧୭/୧: ଭାରତ ଏବଂ ପାକିସ୍ତାନ ମଧ୍ୟରେ ସଂଘର୍ଷ ରୋକିବା ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଣି ଥରେ ଶ୍ରେୟ ନେଇଛନ୍ତି । ଶନିବାର ଟ୍ରମ୍ପ କହିଛନ୍ତି, ତାଙ୍କ ହସ୍ତକ୍ଷେପ ଦୁଇ ପରମାଣୁ ସମ୍ପନ୍ନ ପଡ଼ୋଶୀଙ୍କ ମଧ୍ୟରେ ସଂଘର୍ଷକୁ ଟାଳି ଦେଇଛି ଓ ଲକ୍ଷ ଲକ୍ଷ ଲୋକଙ୍କ ଜୀବନ ବଚାଇଛି । ଟ୍ରମ୍ପ ପାକିସ୍ତାନର ପ୍ରଧାନମନ୍ତ୍ରୀଙ୍କ ସମ୍ପର୍କରେ ମଧ୍ୟ ଉଲ୍ଲେଖ କରି କହିଛନ୍ତି, ଶାହବାଜ ସରିଫ ବ୍ୟକ୍ତିଗତ ଭାବରେ ଉତ୍ତେଜନା ହ୍ରାସ କରିବା ପାଇଁ ତାଙ୍କୁ ଧନ୍ୟବାଦ ଦେଇଥିଲେ । ଟ୍ରମ୍ପ ବାରମ୍ବାର ଦାବି କରୁଛନ୍ତି ଯେ, ସେ ଗତ ବର୍ଷ ମେ' ମାସରେ ଭାରତ ଓ ପାକିସ୍ତାନ ମଧ୍ୟରେ ସାମରିକ ସଂଘର୍ଷକୁ ରୋକିଥିଲେ । ତେବେ ଭାରତ ଲଗାତାର କହି ଆସୁଛି, ପାକିସ୍ତାନ ସହିତ ଅସ୍ତ୍ରବିରତିରେ କୌଣସି ତୃତୀୟ ଦେଶର ଭୂମିକା ନାହିଁ । ସାମରିକ ଗତିରୋଧ ବନ୍ଦ କରିବାର ନିଷ୍ପତ୍ତି ଦୁଇ ସେନାର ମହାନିର୍ଦ୍ଦେଶକଙ୍କ ମଧ୍ୟରେ ଆଲୋଚନା ପରେ ନିଆଯାଇଥିଲା ଏବଂ ଏଥିରେ କୌଣସି ତୃତୀୟ ପକ୍ଷର କୌଣସି ଭୂମିକା ନାହିଁ ବୋଲି ଭାରତ କହିଆସୁଛି । ଏକ କାର୍ଯ୍ୟକ୍ରମରେ ଟ୍ରମ୍ପ କହିଛନ୍ତି, ଗୋଟିଏ ବର୍ଷ ମଧ୍ୟରେ ଆମେ

କେନ୍ଦୁଝର ସମାଚାର

A.R. KHAN

ARNMEDIA COMPLEX, New Market, Keonjhar
(Near Collectorate, Dist. Keonjhar, Phone / Fax: (06767) 255016
Email: utkalsamachar@gmail.com, Mob: 9437086122

କେନ୍ଦୁଝରରେ ସୁଭଦ୍ରା ଶକ୍ତି ମେଳା ଉଦ୍‌ଘାଟିତ

କେନ୍ଦୁଝର, ୧୭/୧(ନି/ପ୍ର) : କେନ୍ଦୁଝର ସାଂସଦ ଅନନ୍ତ ଚରଣ ନାୟକ ଆଜି ସୁଭଦ୍ରା ଶକ୍ତି ମେଳା ତଥା ସ୍ୱବେଶୀ ମେଳା ଉଦଘାଟନ କରିଛନ୍ତି । ସ୍ୱଶଂ ସହାୟକ ଗୋଷ୍ଠୀ ଓ ଉତ୍ପାଦକ ଗୋଷ୍ଠୀ ପାଇଁ ନୂତନ ବଜାର ଓ ବ୍ୟବସାୟ ସୃଷ୍ଟି କରି ଅର୍ଥନୀତିକୁ ନୂତନ ଗତି ଦେବା ଲକ୍ଷ୍ୟରେ ଆୟୋଜିତ ସୁଭଦ୍ରା ଶକ୍ତି ମେଳାରେ ୩୦ ଜିଲ୍ଲାର ପ୍ରତିନିଧିତ୍ୱ ରହିଛି । ମେଳାକୁ ଉଦଘାଟନ କରି ସାଂସଦ ଶ୍ରୀ ନାୟକ ଅପରେସନ ସିନ୍ଦୁର ଉଦାହରଣ ଦେଇ କହିଲେ ଯେ ବିଦେଶୀ ଶକ୍ତି ଆମ ଦେଶରେ ବ୍ୟବସାୟ କରି ଆମରି ଟଙ୍କାରେ ଆମ ବିରୋଧରେ ଅସ୍ତ୍ର ପ୍ରୟୋଗ କରୁଛନ୍ତି । ତେଣୁ ଆମେ ସମସ୍ତେ ସ୍ୱଦେଶୀ ଦ୍ରବ୍ୟ ବ୍ୟବହାର କରିବା ପାଇଁ ସେ ଗୁରୁତ୍ୱ ଦେଇଥିଲେ ଯାହାଦ୍ୱାରା ଦେଶ ଆତ୍ମ ନିର୍ଭର ହେବା ସହ ଆମ ଅର୍ଥନୀତି ସୁଦୃଢ ହୋଇ ପାରିବ । ସାଂସଦ ଶ୍ରୀ ନାୟକ ଉପସ୍ଥିତ ମା ମାନଙ୍କୁ ସ୍ୱଦେଶୀ ସାମଗ୍ରୀ ବ୍ୟବହାର ପାଇଁ ଶପଥ ପାଠ କରାଇଥିଲେ । ଉତ୍ସବରେ ଲେଲକୋଳ ବିଧାୟକ ଡଃ ଫକୀର ମୋହନ ନାୟକ, ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ ପ୍ରମୁଖ ଉପସ୍ଥିତ ମା ମାନଙ୍କୁ ଉଦ୍ବୋଧନ ଦେଇଥିଲେ । ଉଦଘାଟନ ସମାରୋହରେ ଜିଲ୍ଲାପାଳ ବିଶାଲ ସିଂ, ବନଖଣ୍ଡ ଅଧିକାରୀ ଧରନାଲ ଏକତି ଓ ଜିଲ୍ଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଜୁମାର ନାଗଭୂଷଣ ପ୍ରମୁଖ ଉପସ୍ଥିତ ଥିଲେ । ସ୍ଥାନୀୟ କାଳୀ ପଡ଼ିଆରେ ମିଶନ ଶକ୍ତି ବିଭାଗ ପକ୍ଷରୁ ଆୟୋଜିତ ଏହି ମେଳାରେ ୩୦ ଜିଲ୍ଲାର ୧୬୦ ସ୍ୱୟଂ ସହାୟକ ଗୋଷ୍ଠୀ ଭାଗ ନେଇଥିବାବେଳେ ଜିଲ୍ଲା ଖଣିଜ ପ୍ରତିଷ୍ଠାନ ସମେତ ୨୪ ଟି ସରକାରୀ ବିଭାଗ ମଧ୍ୟ ଭାଗ ନେଇଛନ୍ତି । ମେଳାରେ ୧୬ ଟି ପାରମ୍ପରିକ ଖାଦ୍ୟ ଷ୍ଟଲ ମୁଖ୍ୟ ଆକର୍ଷଣ ରହିଛି । ମେଳା ଆଗାମୀ ୨୧ ପର୍ଯ୍ୟନ୍ତ ଚାଲିବ ।

ମକରରେ ଓଡିଶା ପୋଲିସ୍‌ର ଅପରେସନ୍ ଷ୍ଟ୍ରାଇକ ଅଭିଯାନ

ଭୁବନେଶ୍ୱର,୧୭/୧(ନି/ପ୍ର): ରାଜ୍ୟରେ ମକର ସଂକ୍ରାନ୍ତି ପର୍ବକୁ ଶାନ୍ତି ଶୃଙ୍ଖଳା, ସୁରକ୍ଷା ଓ ସୁସ୍ଥ ପରିବେଶରେ ପାଳନ ସୁନିଶ୍ଚିତ କରିବା ସହ ଅପରାଧ ଓ ଅପରାଧୀଙ୍କ ଉପରେ ନିୟନ୍ତ୍ରଣ କରିବା ଉଦ୍ଦେଶ୍ୟରେ ଗତ ୧୪ ତାରିଖ ଦିନ ଓଡ଼ିଶା ପୋଲିସ ପକ୍ଷରୁ ସାରା ରାଜ୍ୟରେ ବ୍ୟାପକ ଭାବରେ "ଅପରେସନ୍ ଷ୍ଟ୍ରାଇକ" ଅଭିଯାନ କରାଯାଇଥିଲା । ଏହି ଅଭିଯାନରେ ରାଜ୍ୟର ୩୩ଟି ପୋଲିସ ଜିଲ୍ଲା ସାମିଲ ହୋଇ ମଦ୍ୟପାନ କରି ଗାଡ଼ି ଚାଳନା, ନିଶାଦ୍ରବ୍ୟ ଓ ବେଆଇନ ମାରଣାସ୍ତ୍ର ଚୋରାଚାଲାଣ, ଜୁଆ ଆଡ୍ଡା, ଲଟ୍ଟୁ ଖଣିଜ ଦ୍ରବ୍ୟ ଏବଂ ଗୋ-ଚାଲାଣ ଭଳି ଅପରାଧ ଉପରେ କଠୋର ପଦକ୍ଷେପ ଗ୍ରହଣ କରାଯାଇଥିଲା । ଏହା ସହ ଜାମିନ ବିହୀନ ଅପରାଧରେ ଲିପ୍ତ ଅପରାଧୀଙ୍କୁ ଚିହ୍ନଟ କରି ଗିରଫ କରାଯାଇଛି । ଏହି ଅଭିଯାନ ସମୟରେ ସାରା ରାଜ୍ୟରେ ୩୬୭ଟି ଅବକାରୀ ମାମଲା ରୁଜୁ କରାଯାଇ ୫ଟି ପିସ୍ତଲ ଜବତ କରାଯିବା ସହ ୧୧ ଜଣ ଅପରାଧୀଙ୍କୁ ଗିରଫ କରାଯାଇଛି । ସେହିପରି ଜାମିନ ବିହୀନ ଅପରାଧରେ ସାରା ରାଜ୍ୟରେ ୧୮୯ ଜଣଙ୍କୁ ଗିରଫ କରାଯାଇଛି । ଏଥିମଧ୍ୟରେ ଗଞ୍ଜାମ ଜିଲ୍ଲା ପୋଲିସ ସର୍ବାଧିକ ୪୭ ଜଣ ଏବଂ ଜଟକ ସହରାଞ୍ଚଳ ପୋଲିସ ୨୦ ଜଣ ଅପରାଧୀଙ୍କୁ ଗିରଫ କରିଛି । ଲଟ୍ଟୁ ଖଣିଜ ଦ୍ରବ୍ୟ ଓ ଗୋ-ଚାଲାଣ ରୋକିବା ଅଭିଯାନରେ ୨୩ଟି ମାମଲା ରୁଜୁ କରାଯାଇ ୭ ଜଣଙ୍କୁ ଗିରଫ କରାଯାଇଛି । ଏଥିରେ ୨୪ଟି ବାଲି ବୋଝେଇ ଗାଡ଼ିଏବଂ ୨ଟି ଗୋ-ଚାଲାଣ ଗାଡ଼ି ଜବତ କରାଯାଇଛି । ରାଜ୍ୟରେ ଦୁର୍ଦ୍ଦାନ୍ତ ଓ ଅଭ୍ୟାସଗତ ଅପରାଧୀଙ୍କୁ ଚିହ୍ନଟ କରି ଗିରଫ କରିବା, ବେଆଇନ ବନ୍ଧୁକ ଓ ମାରଣାସ୍ତ୍ର ଚୋରାଚାଲାଣ ରୋକିବା ଏବଂ ଅସାମାଜିକ ବ୍ୟକ୍ତିଙ୍କ ବିରୋଧରେ କଠୋର ପଦକ୍ଷେପ ନେବା ପାଇଁ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ସ୍ପଷ୍ଟ ନିର୍ଦ୍ଦେଶ ଦେଇଛନ୍ତି । ତାଙ୍କ ନିର୍ଦ୍ଦେଶ ଅନୁଯାୟୀ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନ ଓ ଶୃଙ୍ଖଳା) ସଞ୍ଜୟ କୁମାରଙ୍କ ତତ୍ତ୍ୱାବଧାନରେ ରାଜ୍ୟର ସମସ୍ତ ଜିଲ୍ଲାର ଏସପିମାନେ "ଅପରେସନ୍ ଷ୍ଟ୍ରାଇକ" ଅଭିଯାନରେ ସକ୍ରିୟ ଭାବେ ସାମିଲ ହୋଇଥିଲେ ।

୯୬ ବର୍ଷ ବୟସରେ ଆଦର୍ଶ ଶିକ୍ଷକଙ୍କ ପରଲୋକ

ଜେନ୍ଦ୍ରାପଡ଼ା, ୧୭/୧(ନି/ପ୍ର): ଜେନ୍ଦ୍ରାପଡା ଜିଲ୍ଲାର ଆଦର୍ଶ ଶିକ୍ଷକ ତଥା ଜଂସାର ଏଣ୍ଟରନର ମୁରବୀ ବିଦ୍ୟାଧର ଜେନାଙ୍କର ୯୬ ବର୍ଷ ବୟସରେ ପରଲୋକ ହୋଇଯାଇଛି । ୧୯୩୧ ମସିହାରେ ଜନ୍ମ ଗ୍ରହଣ କରିଥିବା ସ୍ୱର୍ଗତ ଜେନା ସ୍ୱାଧିନତା ଆନ୍ଦୋଳନରେ ସାମିଲ ହେବାପରେ ଶିକ୍ଷକ ଭାବେ କାର୍ଯ୍ୟ କରି ବୃତି ଆରମ୍ଭ କରିଥିଲେ । ଜଣେ ଆଦର୍ଶ ଓ ନୀତିନିଷ୍ଠ ଶିକ୍ଷକ ଭାବେ ସୁନାମ ଅର୍ଜନ କରିଥିଲେ ।

ଜଳବିଭାଜିକା ତଥା ମୃତିକା ସଂରକ୍ଷଣ ବିଭାଗ ପକ୍ଷରୁ ୱାଟରସେଡ ମହୋତ୍ସବ ପାଳିତ

ମାଲକାନଗିରି, ୧୭/୧(ନି/ପ୍ର): ମାଲକାନଗିରି ଜିଲ୍ଲା ପଡିଆ ବ୍ଲକ ଅନ୍ତର୍ଗତ କାଲବାପଲ୍ଲୀ ଠାରେ ଜଳବିଭାଜିକା ତଥା ମୃତିକା ସଂରକ୍ଷଣ ବିଭାଗ ପକ୍ଷରୁ ଆଜି ୱାଟରସେଡ ମହୋତ୍ସବ ୨୦୨୫-୨୬ ପାଳିତ ହୋଇଯାଇଛି । ଏହି ଅବସରରେ କାଳବାପଲ୍ଲୀ ଗ୍ରାମରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯାଇ ଜଳବିଭାଜିକା ଓ ମୃତିକା ସଂରକ୍ଷଣ ବିଭାଗର ବିଭିନ୍ନ ଯୋଜନାର କାର୍ଯ୍ୟକାରିତା, ସ୍ଥାୟିତ୍ୱ ଓ ପରବର୍ତୀ କାର୍ଯ୍ୟ ଖସଡା ବାବଦରେ ଆଲୋଚନା କରାଯାଇଥିଲା । ସରକାରଙ୍କ ପିଏମକେଏସୱାଇ ଯୋଜନାରେ ଗତ ପାଂଚବର୍ଷ ପ୍ରାକୃତିକ ସମ୍ପଦ ପରିଚାଳନା କରି ନିର୍ମାଣ ହୋଇଥିବା ନୂତନ ପୋଖରୀ, ଗୋଷ୍ଠୀ ଜଳ ଅମଳ ସରଂଚନା, ଚେକ୍ ଡ୍ୟାମ୍ ଭଳି ପ୍ରକଳ୍ପ ଗୁଡିକ ସହ ବିଭିନ୍ନ ଚାଷଜାର୍ଯ୍ୟ ଜିଭଳି ସ୍ଥାନୀୟ ଲୋକଙ୍କ ଜୀବନ ଶୈଳୀରେ ପରିବର୍ତନ ଆଣି ପାରିଛି ସେମେଲ ସୁକ୍ଷ୍ମାନୁପୁଙ୍ଖ ଆଲୋଚନା କରାଯାଇଥିଲା । ଏଥିସହ ଆଗାମୀ ଦିନରେ ଏହି ପ୍ରକଳ୍ପ ଗୁଡିକର ସ୍ଥାୟିତ୍ୱକୁ ନେଇ ଓ ନୂତନ ପ୍ରକଳ୍ପର ରୂପରେଖ ବାବଦରେ ଆଲୋଚନା ହୋଇଥିଲା । ଏହି ଅବସରରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ଭାବେ ମାଲକାନଗିରି ନିର୍ବାଚନ ମଣ୍ଡଳିର ବିଧାୟକଙ୍କ ପ୍ରତିନିଧି ନିହାର ରାୟ, ସମ୍ମାନିତ ଅତିଥି ଭାବେ ପଡିଆ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅଣ୍ଟିନି କୁମାର ମହାପାତ୍ର, ଜଳବିଭାଜିକା ଓ ମୃତିକା ସଂରକ୍ଷଣ ବିଭାଗର ପ୍ରକଳ୍ପ ନିର୍ଦ୍ଦେଶକ ସମୀର ଶବର, ବ୍ଲକ ମଣ୍ଡଳ ଅଧିକାରୀ ମନୋଜ ଚକ୍ରବର୍ତୀ, ମନ ବୀରଙ୍କର ରାୟ, କୋଟାମ ବାଲାୟା, ଦେବା ମାଡକାମି, ପିଆଇଏ ଗୋବିନ୍ଦ ହାଲଦାର, ଏଡବ୍ୟୁଟି ମଙ୍ଗଳ କୁମାର ଶାହା ପ୍ରମୁଖ ଉପସ୍ଥିତ ଥିଲେ । ଜଳବିଭାଜିକା ଓ ମୃତିକା ସଂରକ୍ଷଣ ବିଭାଗ ସହ ଯୋଡ଼ି ହୋଇ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟଲାଗି ୱାଟରସେଡ ଯୋଜନା ଭାବେ ପଡିଆ ବ୍ଲକର ବିଭିନ୍ନ ଫଂଚାୟତରୁ ୨୫ଟୁ ଊର୍ଦ୍ଧ୍ୱ ଚାଷୀଙ୍କୁ ସୁରକ୍ଷିତ କରାଯାଇଅଛି । ଏହି ଅବସରରେ ଅନୁଷ୍ଠିତ ବ୍ଲକ୍ ଓ ନାଚରୀତ ପ୍ରତିଯୋଗୀତାରେ ସାମିଲ ହୋଇଥିବା ଛାତ୍ରଛାତ୍ରୀମାନଙ୍କୁ ମଧ୍ୟ ବିଭାଗ ପକ୍ଷରୁ ସମ୍ମାନିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବିଭିନ୍ନ ପଂଚାୟତରୁ ଆସିଥିବା ଜନପ୍ରତିନିଧି, ବଡ୍ଯୁଟିଟି ମଙ୍ଗଳ କୁମାର ଶାହା, ନିହାର ରଞ୍ଜନ ଜେନା, ବର୍ଷା ମହାନ୍ତି, ରାଜେନ୍ଦ୍ର ପ୍ରଧାନ ସମେତ ଏମଡିକେ ଓ କୃଷିମିତ୍ରମାନେ ଉପସ୍ଥିତ ଥିଲେ ।

ହାତୀ ପାଟିରେ ବୋମା ଫୁଟିଲା : ମୁହଁ ଛିନ୍ନଛତ୍ର, ମୃତ୍ୟୁ ସହ ସଂଘର୍ଷ

ଅନୁଗୁଳ,୧୭/୧(ନି/ପ୍ର): ବିସ୍ଫୋରକ ଭର୍ତ୍ତି ଖାଦ୍ୟ ଖାଇ ମୟୂରଭଞ୍ଜରେ ହାତୀ ମୃତ୍ୟୁ ଘଟଣା ମନକୁ ଲିଭିନି । ଏବେ ଅନୁଗୁଳ ବନଖଣ୍ଡ ବନ୍ତଳା ବନାଚଂଳ ବାଲୁଅଟା ଗାଁରେ ସମାନ ଘଟଣା ଘଟିଛି । ଶିକାର ପାଇଁ ଖାଦ୍ୟରେ ବୋମା ଖଞ୍ଜା ଯାଇଥିଲା । ଏକ ମାଈହାତୀ ଏହାକୁ ଖାଇଦେବାରୁ ମୁହଁ ଛିନ୍ନଛତ୍ର ହୋଇଯାଇଛି । ମାଈହାତୀଟି ଏବେ ମୃତ୍ୟୁ ସହ ସଂଘର୍ଷ କରୁଛି । ସୂତନା ଅନୁଯାୟୀ, କୁଧବାର ରାତିରେ ଗୁରୁତର ଅବସ୍ଥାରେ ହାତୀଟି ରାସ୍ତାକଡ଼ରେ ପଡ଼ିଥିବା ଖବର ପାଇ ବନ ବିଭାଗ ଅଧିକାରୀ ଓ ଚିକିତ୍ସକ ଘଟଣାସ୍ଥଳରେ ପହଂଚି ଚିକିତ୍ସା ଆରମ୍ଭ କରିଥିଲେ । ଡାକ୍ତରୀ ବଳ କହିଛନ୍ତି, ହାତୀଟି ୫ରୁ ୬ ବର୍ଷ ବୟସର ହୋଇପାରେ । ତାର ଅବସ୍ଥା ଏବେ ସଙ୍କଟାପନ୍ନ ରହିଛି । ପାଟି ଭିତରେ ପୋଡ଼ି ଯାଇଛି । ହାଡ଼ ଓ ମାଂସ ଛିଣ୍ଡି ପଡ଼ିଛି । ଖୁଦ୍‌ଶୀଘ୍ର ଉଦ୍ଧାର କେନ୍ଦ୍ରକୁ ନିଆଯିବ । ଅନୁଗୁଳ ବନଖଣ୍ଡ ଅଧିକାରୀ ଡ.ନୀତୀଶ କୁମାର କହିଛନ୍ତି ଯେ ୫ଟି ହାତୀ ସହ ଅନୁଗୁଳ ଓ ଢେଙ୍କାନାଳରେ ଏ ହାତୀଟି ବୁଲୁଥିଲା । ଗତ ୧୩ ତାରିଖରେ ହାତୀଟି ଢେଙ୍କାନାଳ ବନଖଣ୍ଡରେ ଗୋଷ୍ଠୀବୁଲି ଅଲଗା ହୋଇ ପ୍ରଥମେ ତାଳଚେର ଓ ଗରକାଳି ବନ୍ତଳା ରେଞ୍ଜକୁ ଆସିଥିଲା । ହାତୀଟିର ଏଭଳି ଅବସ୍ଥା ପାଇଁ କିଏ ଦାୟୀ, ସେ ନେଇ ତଦନ୍ତ କରାଯାଇ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନିଆଯିବ ।

ଛତୁଆ ଦୁର୍ନୀତିକୁ ନେଇ ଜିଲ୍ଲା କଂଗ୍ରେସର ସାମ୍ବାଦିକ ସମ୍ମିଳନୀ

ରାଇଗଡ, ୧୭/୧(ନି/ପ୍ର): ନବରଙ୍ଗପୁର ଜିଲ୍ଲା ର ରାଇଗଡ ବ୍ଲକରେ ଛତୁଆ ଦୁର୍ନୀତି ହେଉଥିବା ବାରମ୍ବାର ଅଭିଯୋଗ ହେଉଥିଲେ ମଧ୍ଯେ କୌଣସି ପ୍ରଶାସନିକ ଅଧିକାରୀ ଏହି ଅଭିଯୋଗ କୁ ଗୁରୁତ୍ୱ ଦେଉନାହାନ୍ତି ।ଯାହା ଫଳରେ କୋମଳମତି ଶିଶୁ ଓ ଗର୍ଭବତୀ ପ୍ରସୂତି ମା ମାନେ ଅତି ନିମ୍ନ ମାନର ଛତୁଆ ତଥା ଅତି କଦର୍ଯ୍ୟ ଛତୁଆ ଖାଇବାକୁ ବାଧ୍ୟ ହେଉଛନ୍ତି ।ଛତୁଆ ତିଆରି କରୁଥିବା ସଂସ୍ଥା ତଥା ସଂସ୍ଥା ପରିଚାଳନା କରୁଥିବା ମାଲିକ ଆଜି କୋଟିପତି ହୋଇଗଲାଣି ।କିଛି ବର୍ଷ ପୂର୍ବେ ଏକ ଛୋଟିଆ ଘରେ ଛତୁଆ ତିଆରି ଚାଲିଥିଲା, ହେଲେ ସେ ସ୍ଥାନରେ ବୃହତ ମହଲା କୋଠା ନିର୍ମାଣ ହୋଇଗଲାଣି ।ତାଙ୍କରୀ ଛତୁଆ ନିର୍ମାଣ କରୁଥିବା ସଂସ୍ଥାକୁ ଚଳାଉଥିବା ମାଲିକ ରାଇଗଡ, ଜମନବୋଟ ଭଳି ବିଭିନ୍ନ ସହରରେ ଲାଗା ଲିଖି କୋଠା ଉପରେ କୋଠା ତିଆରି କରି ସାରିଥିବା ଅଭିଯୋଗ ବି ହେଉଛି ।ପୂର୍ବରୁ ଯେତେବେଳେ ରାଜ୍ୟରେ ବିଜେଡି ଶାସନ ଚାଲିଥିଲା ସେତେବେଳେ ବି ଏଭଳି ଅଭିଯୋଗ ହେଉଥିଲା ।ସେତେବେଳେ ବିଜେପି ମଧ୍ୟ ଆଗେଇ ଆସିଥିଲା ।ଅଭିଯୋଗ ହେବା ଭିତରେ କିଛି ଏସଏଚଡି ଗ୍ରୁପ ଛତୁଆ ନିର୍ମାଣ କରିବେ ବୋଲି ଆବେଦନ କରିଥିଲେ ଓ ସେମାନଙ୍କ ମଧ୍ୟରୁ କିଛି ଏସଏଚଡି ଗ୍ରୁପକୁ ଜାମ କରିବାକୁ ସୁଯୋଗ ବି ଦିଆ ଯାଇଥିଲା ।ଗତେ ମାସେ, ଦୁଇମାସ, ତିନି ମାସ ବର୍ଷେ ଏହି କ୍ରମରେ ସମସ୍ତ ଗ୍ରୁପକୁ କାଢିଦିଆ ଗଲା ।ହେଲେ ଏବେ ବି ସବୁଠାରୁ ସୁରୁଣା ଗ୍ରୁପ ହିଁ ଏହି କାର୍ଯ୍ୟ ତା କରିଚାଲିଛି ଓ ତା ନାରେ ବାରମ୍ବାର ଅଭିଯୋଗ ବି ବଢ଼ି ଚାଲିଛି ।ବିଜେପି ବର୍ତମାନ ସତ୍ତାକୁ ଆସିବା ପରେ ସେ ବି ମୁହଁ ବନ୍ଦ ରଖିଛି ।ତେଣୁ ଏଦିଗରେ ଯଦି ପ୍ରଶାସନ ସ୍ୱତନ୍ତ୍ର ବୃଦ୍ଧି କରିଅଛି ଓ କୌଣସି ଠୋସ ପଦକ୍ଷେପ ନନିଅଛି ତେବେ ଆଗାମୀ ଦିନରେ ବଡ଼ ଧରଣର ଆନ୍ଦୋଳନ ନେଇ ଜିଲ୍ଲା କଂଗ୍ରେସ ରାଜ ରାସ୍ତାକୁ ଓଲ୍ଲେଇବା ସହିତ ଭିଜିଲାନ୍ସ ତଦନ୍ତ ପାଇଁ ଦାବୀ କରାଯିବ ବୋଲି ପୂର୍ବତନ ବିଧାୟକ. ଉମମ ସଭାପତି ବ୍ଲକବକ ମାଝୀ ଓଉମନବୋଟ ନିର୍ବାଚନ ମଣ୍ଡଳୀର କଂଗ୍ରେସର ବିଧାୟକ ପ୍ରାର୍ଥୀ ସନରାଜ ଗଣ୍ଡ ଆଜି ପ୍ରେସମିଟ ରେ ପ୍ରତିକ୍ରିୟା ଦେଇଛନ୍ତି ।

ସ୍ୱର୍ଣ୍ଣ ଧନୁଷକୁ ଭଦ୍ରକରେ ଭବ୍ୟ ସ୍ୱାଗତ

ଭଦ୍ରକ,୧୭/୧(ନି/ପ୍ର): ପବିତ୍ର ନଗରୀ ଯୋଧାଧା ଅଭିମୁଖେ ବାହାରିଥିବା ସ୍ୱର୍ଣ୍ଣ ଧନୁଷ୍ ଯାତ୍ରା ରାଉରକେଲାର ହନୁମାନ ବାଟିକାରୁ ବାହାରି ଓଡ଼ିଶାର ସମସ୍ତ ୩୦ ଗୋଟି ଜିଲ୍ଲା ପରିକ୍ରମା ଅବସରରେ ଆଜି ଭଦ୍ରକେର ପହଂଚିଥିଲା । ଏହି ସ୍ୱର୍ଣ୍ଣ ଧନୁଷ ଭଦ୍ରକର ରାଣୀତାଳାରେ ଅପରାହ୍ନେର ପହଂଚିବା ପେରେ ଶ୍ରୀରାମ ମହାଯଜ୍ଞ ସମିତି ପକ୍ଷରୁ ଏକ ଭବ୍ୟ ବାଇକ୍ ଶୋଭାଯାତ୍ରା ମାଧ୍ୟମେରେ ଭଦ୍ରକର ଡାହାଣୀଗଡିଆ ପର୍ଯ୍ୟନ୍ତ ପାଛୋଟି ଅଣାଯାଇଥିଲା । ଏହାପେରେ ଏକାଧିକ କୀର୍ତନ ମଣ୍ଡଳୀ, ପାରମ୍ପରିକ ବାଦ୍ୟ ବାଦନ, ସାଧୁ ସନ୍ଥ, ଶତାଧିକ ମାତୃଶକ୍ତି, ଯୁବ ଛାତ୍ର ଏବଂ ବୁଦ୍ଧିଜୀବିଙ୍କ ଦ୍ୱାରା ଏକ ପଦଯାତ୍ରାରେ ଅଣାଯାଇ ଗାନ୍ଧିପଡ଼ିଆ ଯଜ୍ଞ ମଣ୍ଡପ ହୋଇ ପୁଣି ଜେଟରି ବଜାର ଭଦ୍ରକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖେର ପହଂଚିଥିଲା ।

କୁଡୁମୁଲୁଗୁମ୍ପା ନୋଡାଲ ଉଚ୍ଚ ବିଦ୍ୟାଳୟରେ ପି.ଏମ୍ ଶ୍ରୀ ଉତ୍ସବ ଅନୁଷ୍ଠିତ

ମାଲକାନଗିରି,୧୭/୧(ନି/ପ୍ର): କୁଡୁମୁଲୁଗୁମ୍ପା ସ୍ଥିତ ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ପ୍ରଧାନମନ୍ତ୍ରୀ ପି.ଏମ୍ ଶ୍ରୀ ଉତ୍ସବ ଆଜି ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ଶିକ୍ଷାଧିକାରୀ ଚିତରଞ୍ଜନ ପାଣିଗ୍ରାହୀ ସଭାପତିତ୍ୱ କରିଥିବେ ଓ ଏଥିରେ ମୁଖ୍ୟଅତିଥି ଭାବେ ଚିତ୍ରକୋଣ୍ଡା ବିଧାୟକ ମଙ୍କୁ ଖିଲ ଯୋଗ ଦେଇଥିଲେ । ଅନ୍ୟ ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦର ଅଧ୍ୟକ୍ଷ ସମାରୀ ଡାଙ୍କୁଲୁ, ଖଲରପୁଟ ବ୍ଲକ ଅଧ୍ୟକ୍ଷ ବିସ୍ମ କିର୍ଷ୍ଣାନୀ, ସମାଜସେବୀ ହରିଶ୍ ପରିଡା, ଯୁବତିନି ମହାବିଦ୍ୟାଳୟର ଅଧ୍ୟକ୍ଷ ଅଶୋକ କୁମାର ପ୍ରଧାନ, ଜିଲ୍ଲା ପରିଷଦ ସଭ୍ୟ ବଳି ମାଝୀ, ଖଲରପୁଟ ବ୍ଲକ ଶିକ୍ଷାଧିକାରୀ ବିଲ୍ଲିପ କୁମାର ଗଣ୍ଡ , ଚିତ୍ରକୋଣ୍ଡା ବ୍ଲକ ଶିକ୍ଷାଧିକାରୀ ସୁଶ୍ରୀ ଗାୟତ୍ରୀ ଦେବୀ, ତହସିଲଦାର କ୍ରିଷ୍ଣା ଚନ୍ଦ୍ର ଦାସ୍, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଭାଗୀରଥି ଦେବେହରା ଓ ମଞ୍ଜୁଲତା ଭୋଲ, ସରପଂଚ ମଙ୍ଗଳା ମାଡୀ, ବରିଷ୍ଠ ସମାଜସେବୀ ରାମହରି ସାହୁ, ସମାଜସେବୀ ଭଗବାନ ସାହୁ ଓ ବିଦ୍ୟାଳୟ ପରିଚାଳନା ପରିଷଦର ସଭାପତି ବିଚାରେ ସୁନା ପ୍ରମୁଖ ଉପସ୍ଥିତ ଥିଲେ । ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମ କୁ ନୋଡାଲ ବିଦ୍ୟାଳୟ ର ଭାରପ୍ରାପ୍ତ ପ୍ରଧାନଶିକ୍ଷୟତ୍ରୀ ବବିତାରାଣୀ ସାହୁ ପରିଚାଳନା କରିଥିଲା ବେଳେ ଆଦର୍ଶ ଶିକ୍ଷକ ଉମାଶଙ୍କର ଦାସ ମଂଚ ପରିଚାଳନା କରିଥିଲେ । କାର୍ଯ୍ୟକ୍ରମ ଆରମ୍ଭରେ ଠାକୁର ଜଗନ୍ନାଥଙ୍କ ପ୍ରତିମୂର୍ତୀରେ ମାଲ୍ୟାର୍ପଣ କରାଯାଇ ପୁଜାର୍ଚନା କରାଯାଇଥିଲେ ଓ ଏହାପରେ ବିଦ୍ୟାଳୟ ଛାତ୍ରୀମାନେ ଅତିଥି ମାନଙ୍କ ସ୍ୱାଗତ ଉଦ୍ଦେଶ୍ୟରେ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ । ଭିଜନ ୨୦୩୬ ମସିହାକୁ ଆଖି ଆଗରେ ରଖି 'ମୋ ସ୍ୱପ୍ନର ଓଡିଶା ଦେଖି ସ୍ୱରକୁ ଯାଇଥିବ' ଓ ଶିକ୍ଷା ବ୍ୟବସ୍ଥାରେ ଜଣ ଜଣ ଉନ୍ନତି ହୋଇଥିବ ତାର ଅନୁମାନ ନେଇ ବିଦ୍ୟାଳୟ ର ଆକାଂକ୍ଷୀ ଛାତ୍ର ଛାତ୍ରୀ ପରିଷଦ ତରଫରୁ ଏକ ପ୍ରତିଭା ଅନ୍ୱେଷଣ ମେଳା ମଧ୍ୟ ଆୟୋଜନ ହୋଇଥିଲା । ଏଥିରେ ପିଏମ ଶ୍ରୀ ଉଦ୍ଦେଶ୍ୟକୁ ସାକାର କରିବା ଭଳି ଛୋଟ ଛୋଟ ପ୍ରଦର୍ଶନୀ ମାନ ଦେଖିବାକୁ ମିଳିଥିଲା ଯେଉଁଠି ଛାତ୍ର ଛାତ୍ରୀ ମାନେ ଏହି ମେଳା ମାଧ୍ୟମରେ ବିଭିନ୍ନ ସାମଗ୍ରୀ ପ୍ରଦର୍ଶନ ସହ ବିକ୍ରୟ ମଧ୍ୟ କରିଥିଲେ । କେବେକ ବ୍ଲକ ନିର୍ମାଣ କରାଯାଇ ବିଭିନ୍ନ ଶିକ୍ଷଣୀୟ ଷ୍ଟଲ ,ଆଜିଟି ବିଭାଗ ଠାରୁ ଆରମ୍ଭ କରି ପରିବେଶ ସୁରକ୍ଷା ଗଣିତ ଶାସ୍ତ୍ର ଆଦି ବିଭିନ୍ନ ଷ୍ଟଲଗୁଡିକ ଉପସ୍ଥିତ ଅତିଥି ମାନେ ବୁଲି ଦେଖୁଥିଲେ । ଭିନ୍ନ ଭିନ୍ନ ଷ୍ଟଲର ବହୁ ଛାତ୍ରଛାତ୍ରୀ ନିଜ ନିଜ ଗାରଡ଼ ଶିକ୍ଷକ ମାନଙ୍କ ସହ ଆସି ଏହି ଷ୍ଟଲ ବୁଲିବା ସାଙ୍ଗକୁ ଗଙ୍ଗାରଙ୍କ କାର୍ଯ୍ୟକ୍ରମର ଉପଭୋଗ କରିଥିଲେ । ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ବିଭିନ୍ନ ସାମାଜିକ ବାର୍ତା କୁ ନେଇ ଡ୍ରାମା ପରିବେଷଣ କରାଯାଇଥିଲା । ବିଦ୍ୟାଳୟ ପକ୍ଷରୁ ପିଲାମାନଙ୍କ ନିମନ୍ତେ ଏକ ସେଲଫି ପଏ[ମଧ୍ୟ ଆୟୋଜନ କ

ବିବିଧା

ସାଇ ପଲ୍ଲବୀଙ୍କ ସହ ସ୍କ୍ରିନ୍ ସେୟାରି କରିବେ ଜୁନୈଦ

'ଲିଉୟାପା' ପରେ 'ଏକ ଦିନ' ସହ ପରବାରେ ଧମାକା କରିବାକୁ ଯାଉଛନ୍ତି ଆମୀର ଖାନଙ୍କ ପୁଅ ଜୁନୈଦ ଖାନ୍ । ଫିଲ୍ମର ପୋଷ୍ଟର ରିଲିଜ୍ ହୋଇଥିବା ବେଳେ ନିର୍ମାତା ଫିଲ୍ମର ଟିଜର ରିଲିଜ୍ କରିଛନ୍ତି । ଫିଲ୍ମରେ ମୁଖ୍ୟ ଭୂମିକାରେ ନଜର ଆସିବେ ଜୁନୈଦ ଏବଂ ସାଇ ପଲ୍ଲବୀ । ଫିଲ୍ମ 'ଏକ ଦିନ'ର ଟିଜରରେ ଜୁନୈଦ ଖାନ ସାଇଙ୍କ ଫିଆନସେ ରୁପି ରହିଥିବାର ଦେଖାଯାଉଛି । ସେ ସାଇଙ୍କ ପରୋପକାର ଶବ୍ଦରେ ପ୍ରେମର ଅର୍ଥ ପଚାରନ୍ତି, ଏବଂ ତାଙ୍କ ମୁହଁ ପ୍ରତିଫଳିତ କରେ ଯେ ସାଇ ତାଙ୍କ ପାଇଁ କେତେ ଗୁରୁତ୍ୱପୂର୍ଣ୍ଣ । ଜୁନୈଦ କୁହନ୍ତି, 'ମୁଁ ତୁମର ହସକୁ ଭଲ ପାଏ, ମୀରା । ମୁଁ ଜାଣିନାହିଁ ମୁଁ ତୁମର ହୃଦୟ ଜିତି ପାରିବି କି ନାହିଁ ।' ତା'ପରେ ଦୁହେଁ ବରଫ ଆଚ୍ଛାଦିତ ଉପତ୍ୟକାରେ ଏକାଠି ମୁହୂର୍ତ୍ତକାଳ ମୁହୂର୍ତ୍ତ ବିତାଇଲେ, ଯେପର୍ଯ୍ୟନ୍ତ ହଠାତ୍ ସୋମାଳଙ୍କର ଧ୍ୱନି ଭାସିଆସେ । ପରବର୍ତ୍ତୀ ସିନରେ,

ସାଇ ପଲ୍ଲବୀ କୁହନ୍ତି, 'ସିନେମାରେ ବହୁତ ଯାଦୁ ଅଛି । କିନ୍ତୁ ବାସ୍ତବ ଜୀବନରେ ଏହା କେବେ ହୁଏ ନାହିଁ' ଉତ୍ତରେ ହସିଛି, 'କେବେବେଳେ ଯାଦୁ ଘଟେ ।' ଆମୀର ଖାନ ପ୍ରଡକ୍ସନ ବ୍ୟାନରରେ ନିର୍ମିତ, 'ଏକ ଦିନ' ସହ ସାଇ ପଲ୍ଲବୀଙ୍କ ଏହା ହିନ୍ଦିରେ ଡେବ୍ୟୁ । ଏହି ଫିଲ୍ମଟି ସୁନୀଲ ପାଣ୍ଡେଙ୍କ ଦ୍ୱାରା ନିର୍ଦ୍ଦେଶିତ ଏବଂ ଆମିର ଖାନ, ମନପୁର ଖାନ ଏବଂ ଆମଲା ମୁରୋଡିନଙ୍କ ଦ୍ୱାରା ପ୍ରଯୋଜିତ । ଫିଲ୍ମର ଲାହାରୀ ସ୍ନେହା ଦେଶାଇ ଏବଂ ଷ୍ଟନନଙ୍କ ଦ୍ୱାରା ରଚିତ । ଏକ ଦିନ ମେ ୧ରେ ଥିଏଟରରେ ମୁକ୍ତିଲାଭ କରିବ । ଏହି ଫିଲ୍ମଟି ଏସୟ ରୋମାଣ୍ଟିକ ଫିଲ୍ମ ଥ୍ରାନ୍ ଡେର ରିମେକ୍ । ତେବେ ଖୁସି କପୁରଙ୍କ ବିପକ୍ଷରେ ତାଙ୍କର ପୂର୍ବ ରୋମାଣ୍ଟିକ ଫିଲ୍ମ ଲାଭାୟାପା, ବକ୍ସ ଅଫିସରେ ଭଲ ପ୍ରଦର୍ଶନ କରିନଥିଲା ।

ଭାଲେଣ୍ଟାଇନ୍ ଡେ'ରେ ବିବାହ କରିବେ ଧନୁଷ-ମୃଣାଲ !

ସାଉଥ୍ ସୁପରଷ୍ଟାର ଧନୁଷ ଏବଂ କଲିଉଡ୍ ଅଭିନେତ୍ରୀ ମୃଣାଲ ଠାକୁରଙ୍କୁ ନେଇ ଏବେ ଚର୍ଚ୍ଚା ଜୋର ଧରିଛି । ଦୀର୍ଘ ଦିନରୁ ଲଭଲାଇଫ ପ୍ରେମ ସମ୍ପର୍କକୁ ନେଇ ଗୁଜବ ଶୁଣାଯାଉଥିବା ବେଳେ, ଏବେ ସେମାନେ ବିବାହ କରିବାକୁ ଯାଉଥିବା ଚର୍ଚ୍ଚା ହେଉଛି । ରିପୋର୍ଟ ଅନୁଯାୟୀ, ଆସନ୍ତା ଫେବୃଆରୀ ୧୪ ଅର୍ଥାତ୍ 'ଭାଲେଣ୍ଟାଇନ୍ସ ଡେ' ଅବସରରେ ଏହି ଯୋଡ଼ି ଏକ ଗୋପନୀୟ ସମାରୋହରେ ବିବାହ ବନ୍ଧନରେ ଆବଦ୍ଧ ହୋଇପାରନ୍ତି । ଅନେକ ସମୟରେ ଧନୁଷ ଓ ମୃଣାଳଙ୍କୁ ବିଭିନ୍ନ କାର୍ଯ୍ୟକ୍ରମରେ ଏକାଠି ଦେଖିବାକୁ ମିଳିଛି । ନିକଟରେ ଅକ୍ଷୟ କୁମାରଙ୍କ ଫିଲ୍ମ 'ବନ୍ ଅଫ୍ ସର୍ଦ୍ଦାର-୨'ର ଷ୍ଟିଂରେ ଧନୁଷଙ୍କ ଉପସ୍ଥିତି ଏହି ଗୁଜବକୁ ଆହୁରି ବଢ଼ାଇ ଦେଇଥିଲା । ମୃଣାଳ ସୋସିଆଲ ମିଡିଆରେ ଧନୁଷଙ୍କ ଭଲପାଇବାକୁ ଫଲୋ କରିବା ପରେ, ପ୍ରଶଂସକମାନେ ଏହାକୁ ସେମାନଙ୍କ ସମ୍ପର୍କର ଉତ୍ତରୋତ୍ତର ବଢ଼ ସଙ୍କେତ ବୋଲି ମନେ କରୁଛନ୍ତି । ଜଣାଯାଉଛି ଯେ, ମୃଣାଳଙ୍କ ଦକ୍ଷିଣ ଭାରତୀୟ ସିନେମା ପ୍ରତି ଆଗ୍ରହ ଏବଂ କାର୍ଯ୍ୟ ତାଙ୍କୁ ଧନୁଷଙ୍କ ନିକଟତର କରିଛି । ତେବେ ଏହି ବିବାହ କର୍ଣ୍ଣ ଜରମେ ମୃଣାଳ ପୂର୍ବରୁ କହିଥିଲେ ଯେ, ଧନୁଷଙ୍କ ସହ ତାଙ୍କର ଦୌଣସି ପ୍ରେମ ସମ୍ପର୍କ ନାହିଁ । ସେ ଧନୁଷଙ୍କୁ କେବଳ ଜଣେ ଭଲ ବନ୍ଧୁ ବୋଲି ଦର୍ଶାଇଥିଲେ । ଷ୍ଟିଲିଂ ଇଭେଣ୍ଟକୁ ନେଇ ସେ ସ୍ପଷ୍ଟ କରିଥିଲେ ଯେ ଧନୁଷଙ୍କୁ ଅକ୍ଷୟ ଦେବଗନ ମିମିକ୍ରି କରିଥିଲେ । ସୂଚନାଯୋଗ୍ୟ ଯେ, ଧନୁଷ ସୁପରଷ୍ଟାର ରଜନୀକାନ୍ତଙ୍କ ଝିଅ ଐଶ୍ୱର୍ଯ୍ୟାଙ୍କୁ ବିବାହ କରିଥିଲେ । ୧୮ ବର୍ଷର ବୈବାହିକ ଜୀବନ ପରେ ୨୦୨୨ ମସିହାରେ ସେମାନେ ପରସ୍ପରରୁ ଅଲଗା ହେବାକୁ ନିଷ୍ପତ୍ତି ନେଇଥିଲେ । ସେମାନଙ୍କର ଦୁଇଟି ପୁତ୍ର ମଧ୍ୟ ଅଛନ୍ତି ।

ଲାଲ ଶାଢୀରେ ମୌନୀ ରୟ

ମୌନୀ ରୟ ସୋସିଆଲ ମିଡିଆରେ ବହୁତ ସକ୍ରିୟ । ବର୍ତ୍ତମାନ ସେ ଇନଷ୍ଟାଗ୍ରାମରେ ଶାଢ଼ି ପିନ୍ଧିଥିବା ନିଜର ଏକ ସୁନ୍ଦର ଫଟୋ ସେୟାର କରିଛନ୍ତି । ତାଙ୍କ ଲୁକ୍ ବିଷୟରେ କହିବାକୁ ଗଲେ, ଅଭିନେତ୍ରୀ ଗୋଲ୍ଡେନ କାମ ସହିତ ଏକ ଲାଲ ଶାଢ଼ି ପିନ୍ଧିଛନ୍ତି, ଯାହା ତାଙ୍କ ଲୁକ୍‌କୁ ଆହୁରି ସୁନ୍ଦର କରିଦେଇଛି । ଅଭିନେତ୍ରୀ ହାଲୁକା ମେକଅପ୍ ଏବଂ କଳି ଟୁଟି ସହିତ ନିଜର ଲୁକ୍ ଶେଷ କରିଛନ୍ତି । ଏହି ଲୁକ୍ ପାଇଁ ସେ ଏକ ଭାରି ନେକଲେସ ପିନ୍ଧିଛନ୍ତି । ସେ ଏହାକୁ ମ୍ୟାଚ୍ କରୁଥିବା କାନଫୁଲ ଲଗାଇ ଖୁବ୍ ନିଆରା ଦିଶୁଛନ୍ତି । ସେୟାର କରାଯାଇଥିବା ଫଟୋଗୁଡ଼ିକରେ, ଅଭିନେତ୍ରୀ ତାଙ୍କ ଶାଢ଼ିର ପଲ୍ଲବ ଧରି ପୋଜ୍ ଦେଉଥିବା ଦେଖିବାକୁ ମିଳେ । ତାଙ୍କର ଏହି ଫଟୋଗୁଡ଼ିକ ସୋସିଆଲ ମିଡିଆରେ ଖୁବ୍ ଭାଇରାଲ ହେଉଛି, ଏବଂ ପ୍ରଶଂସକମାନେ ତାଙ୍କ ଷ୍ଟାଇଲ୍ ଦେଖି ଫିଦା । ପ୍ରଶଂସକମାନେ ଲିନ୍ଦୁ ଲିନ୍ଦୁ ମନ ହେଲେ ତାଙ୍କୁ ପ୍ରଶଂସା କରୁଛନ୍ତି । କେତେକ ତାଙ୍କୁ ପରମ ସୁନ୍ଦରୀ କହୁଛନ୍ତି ନ ଆଉ କେହି ଖୁବ ଆକର୍ଷଣୀୟ ବୋଲି କହୁଛନ୍ତି ।

ଘରେ ତିଆରି କରନ୍ତୁ ଆରିସା ପିଠା

ଆବଶ୍ୟକୀୟ ସାମଗ୍ରୀ: ଅଣ୍ଡା ଚାଉଳ, ଗାଣ୍ଡି, କାଜୁ କାବାମ, ଚିନା କାବାମ, ଗୁଡ଼, କଦିଆ କୋରା ଓ ରିଫାଇନ୍ ତେଲ ।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଅଣ୍ଡାକୁ ବାଲକୁ ବିଛି ସୀମ ପାଣିରେ ନିଜାଇ ଦେଖନ୍ତୁ । ପରେ ତାକୁ ଛାଣି ବୁଡ଼ା ପ୍ରସ୍ତୁତ କରନ୍ତୁ । ଚାଉଳକୁ ପାଣିରେ ନିଜାଇକରି ତେଲେ ରାଖିକୁ ମଧ୍ୟ ପାଣିରେ ବଡ଼ରାଇ ଦିଅନ୍ତୁ । ତିନି ସୀମ ପରେ ଏହାକୁ ଛାଣି ଭଲ ଭାବେ ଚାପି ଦିଅନ୍ତୁ, ଯେମିତି ଏଥିରୁ ପୋଡା ଛାଡ଼ି ଦିଏ । ଏହାପରେ କାଜୁ କାବାମ ଓ ଚିନା ବାଦାମକୁ ଛାଣି ଏକ ପାତ୍ରରେ ରଖନ୍ତୁ ।

ଏସବୁ ପ୍ରସ୍ତୁତି ଶେଷ ହେବା ପରେ ଏକ କଡ଼େଇରେ କିଛି ପାଣି ଦେଇ ଗରମ କରନ୍ତୁ । ପାଣି ଗରମ ହେବା ପରେ ସେଥିରେ ଗୁଡ଼ ପକାଇ ଫୁଟାନ୍ତୁ । ଗୁଡ଼ ପାଣିରେ ମିଶି ଫୁଟିଯିବା ପରେ ସେଥିରେ କଦିଆ କୋରା, ଭଜା ଚିନାବାଦାମ ଓ ଭଜା କାଜୁ କାବାମ ପକାଇ ଭଲ ଭାବେ ଲୋଳାଇ ଦିଅନ୍ତୁ । ଗୁଡ଼ ଅଠା ଧରିବା ପରେ ସେଥିରେ ପ୍ରସ୍ତୁତ ଚାଉଳ ଗୁଡ଼ାକୁ ପକାଇ ଭଲଭାବି ପ୍ରସ୍ତୁତ କରନ୍ତୁ । ଏବେ ଏହି କଳଛିକୁ ଛୋଟ ଛୋଟ ବୁଲା କରି କାଟି ଆରିସା ପିଠାର ଆକୃତି ଦିଅନ୍ତୁ ଓ ଏହୁଡ଼ିକର ତଳ ପଟେ ଗାଣ୍ଡି ଭଗାଇ ରିଫାଇନ୍ ତେଲରେ ଭାଜନ୍ତୁ । ତଳ ପଟ ଲାଲ ହୋଇଗଲେ ଏହୁଡ଼ିକୁ ମେଜେରୁ କାଢ଼ି ଦିଅନ୍ତୁ । ତିଆରି ହୋଇଗଲା ଆରିସା ପିଠା ।

ନଖର ଏହି ସଙ୍କେତରୁ ଜାଣନ୍ତୁ

ଶରୀରରେ ଅଛି କେଉଁ ଭିଟାମିନର ଅଭାବ...

ସୁନ୍ଦର ନଖ ସଭିଙ୍କୁ ପସନ୍ଦ । ସୁସ୍ଥ ଓ ମଜବୁତ ନଖ ହେବାର ହାତର ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରିଥାଏ ନାମ୍ନା ନୁହେଁ ବରଂ ଭଲର ଦ୍ୱାରୁଆର ମଧ୍ୟ ସଙ୍କେତ ଦେଇଥାଏ । ଯଦି ନଖ ମଜବୁତ ଓ ସଠିକ୍ ସମୟ ଅନୁସାରେ ବୃଦ୍ଧି ହେଉଛି, ତେବେ ଶରୀର ସୁସ୍ଥ ଥିବାର ଏହା ସଙ୍କେତ ଦେଇଥାଏ । ନିକଟରେ ଜଣେ ଡାକ୍ତରଙ୍କ ଏକେନ୍ସ ସୁଚନା ପ୍ରକାଶ କରିଛନ୍ତି । ନଖକୁ ଦେଖି ଶରୀରରେ କେଉଁ ଭିଟାମିନର ଅଭାବ ରହିଛି, ତାହା ଜାଣି ପାରିବେ । ଜାଣନ୍ତୁ..

ବାରମ୍ବାର ନଖ ଭାଙ୍ଗିବା

ଯଦି ବାରମ୍ବାର ଆଙ୍ଗୁଳିର ନଖ ଭାଙ୍ଗୁଛି, କ'ଣବୁ ନଖ ଫାଟୁଛି, ଏହା ଶରୀରରେ ଆୟରନ କମ୍ ହେବାର ଲକ୍ଷଣ । ଆୟରନ ଅଭାବକୁ ପୂରଣ କରିବା ପାଇଁ ସବୁଜ ପନିପରିବା, ଡାଲି, ଗାଣ୍ଡି, କଳା ଜିସମିସ ଖାଇବା ଉଚିତ୍ ।

ନଖରେ ଧଳା ଦାଗ

ନଖରେ ନିୟମିତ ଧଳା ଦାଗ ହେଉଥିଲେ, ଶରୀରରେ ଏହା ଜିଙ୍କ୍ ଅଭାବ ହେବାର ସଙ୍କେତ ଦେଇଥାଏ । ଏହି ସମସ୍ୟା ଦୂର କରିବା ପାଇଁ ଲସୁଣ, ଚନ୍ଦ୍ର, ଛାଣ୍ଡୁ, ଛାଲି ଆଦି ଜିଙ୍କ ଖାଦ୍ୟରେ ସାମିଲ କରନ୍ତୁ ।

ନଖରେ ଅଧିକ ଧଳା ଦାଗ ହେଉଥିଲେ, ଭିଟାମିନ୍ ବି-୧୨ର ଅଭାବ ବୋଲି ସଙ୍କେତ ଦିଏ । ଏଥିପାଇଁ ଅଣ୍ଡା, କ୍ଷୀର ଆଦି ସେବନ କରନ୍ତୁ ।

- ♦ ନଖର ଉପର ଅଂଶ ହଳଦିଆ ଦାଗ ଦେଖାଗଲେ, ଏହା ପ୍ରୋଟିନ୍ ଅଭାବରୁ ହୋଇଥାଏ । ଏହି ସମସ୍ୟା ଦୂର ପାଇଁ କ୍ଷୀର, ଅଣ୍ଡା, ବାଦାମ ସେବନ କରନ୍ତୁ ।
- ♦ ନଖର ଉପର ଅଂଶ କଳା ହେଲେ ଏହା ଏକ ପ୍ରକାର ସଂକ୍ରମଣ ସଙ୍କେତ ଦେଇଥାଏ । ଏହାକୁ ଦୂର ପାଇଁ ପାଣି-ଆପଲ ସାଇଡର ଭିନେଗାରକୁ ସମାନ ପରିମାଣରେ ମିଶାନ୍ତୁ । ଏଥିରେ ନଖ ବୁଡ଼ାଇ କିଛି ସମୟ ରଖନ୍ତୁ । ଏହି ସମସ୍ୟା ଦୂର ହେବ ।

ଉତ୍କଳ ସମାଚାର

ସମ୍ପାଦକୀୟ...
ରବିବାର ୧୮ ଜାନୁଆରୀ ୨୦୨୬

ମାଓମୁକ୍ତ ହେବ ଭାରତ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କେବଳ ପୃଥିବୀର ସର୍ବବୃହତ ଲୋକତନ୍ତ୍ରର ସର୍ବୋଚ୍ଚ ନେତା ନୁହଁନ୍ତି ସେ ତାଙ୍କ କାର୍ଯ୍ୟଶୈଳୀରେ ଶାସନ ପଦ୍ଧତିରେ ଦେଶବାସୀଙ୍କୁ ଯୋଡିବାର ବଷ୍ଠରାରେ ମଧ୍ୟ ଦେଶ ନିପୁଣ । ସେ ତାଙ୍କର ବାର୍ତ୍ତାରେ ଦେଶବାସୀଙ୍କ ପାଇଁ ସର୍ବଦା ଲକ୍ଷ୍ୟପ୍ରାପ୍ତି ହେବାପାଇଁ ଉତ୍ସାହିତ କରିଥାନ୍ତି । ତାଙ୍କର ସେଇଭଳି ପ୍ରେରଣାଦାୟୀ ତଥା ଲୋକପ୍ରିୟ ଶବ୍ଦ ମଧ୍ୟରୁ 'ସଂକଳ୍ପରୁ ସିଦ୍ଧି' ଦେଶ ହୃଦୟସ୍ପର୍ଶୀ ତଥା ପ୍ରଭାବୀ । ଭାରତର ବିକାଶରେ ଅନ୍ୟତମ ବାଧା ସୃଷ୍ଟି କରିଥିବା ମାଓବାଦର ଜଡରୁ ଉପାଡି ଫିଙ୍ଗିବା ପାଇଁ ଚିନ୍ତା କରିବା ସେତିକି କଳ୍ପନାଅତୀତ ଥିଲା ଦିନେ ଜାଣ୍ଡାରୁଣ୍ଡ ଧାରା ୩୭୦କୁ ଉଚ୍ଛେଦ କରିବା ଯେତିକି ଅସମ୍ଭବ ମନେ ହେଉଥିଲା ତା ଚିନି ତଲାକ ପ୍ରଥାର ଉଚ୍ଛେଦ, ସିଏଏର ପ୍ରଣୟନ, ଏନଆରସି , ୟୁନିଫର୍ମ ସିଭିଲ କୋର୍ଡ ବା ଅଯୋଧ୍ୟାରେ ରାମଲାଲାଙ୍କ ଭବ୍ୟ ମନ୍ଦିର ନିର୍ମାଣ । ଏ ସବୁ ସେହି ସଂକଳ୍ପରୁ ସିଦ୍ଧି ମନ୍ତ୍ରରେ ସମ୍ଭବ ହୋଇଛି । ଏହାକୁ କୌଣସି ବ୍ୟକ୍ତି ଏକାକୀ କରିନାହିଁ ବରଂ ଦେଶର କାର୍ଯ୍ୟପଟୁତା ଓ ଦୃଢ ନୀତିନିର୍ଣ୍ଣୟର ନୂତନ ପରମ୍ପରାରୁ ଏକ ସାମୁହିକ ରାଷ୍ଟ୍ରବାଦରୁ ସ୍ୱତଃ ସୃଷ୍ଟି ହେଉଥିବା ଅଦିନାଶୀ ଊର୍ଜାରୁ ସମ୍ଭବ ହୋଇପାରିଛି । ଦେଶ ସ୍ୱାଧୀନ ପରାଠାରୁ ଗୋଟିଏ ପଟେ ଗାନ୍ଧୀ ନେହରୁ ଗୋରା ଚାଲିଗଲା ପରେ ଏବେ ଆମ ପାଇ ଭାବି ଦେଶକୁ ନିଜର ବ୍ୟକ୍ତିଗତ ସମ୍ପତ୍ତି ଭାବେ ମନେ କରି ଚଳୁଛନ୍ତିବାର ପରମ୍ପରା ଅଘୋଷିତ ଭାବେ ସ୍ଥାପିତ କରିଥିଲେ । ଏହି ଆପେ ବଳିକେ ବ୍ୟାପାର ନାଁ ନୀତି ଆମ ଶାସନ ବ୍ୟବସ୍ଥାକୁ ଏତେ ଜଳୁଷିତ କରିଦେଇ ଯେ, ଦେଶର ସମ୍ପତ୍ତିକୁ ଅଧିକାରୀ ନେତା ଓ ଅସାଧୁ ବେପାରୀ ମିଳିତ ଭାବେ ସର୍ବସ୍ୱ ଲୁଟିନେଲେ । ତେବେ ଅନ୍ୟପଟେ ସମଗ୍ର ଦେଶ ସ୍ୱାଧୀନତା ପୂର୍ବରୁ ପରାଧୀନତାରୁ ମୁକ୍ତିର ଗୋଟିଏ ମନ୍ତ୍ର କଂଗ୍ରେସର ଛତା ତଳେ ଏକତ୍ରୀତ ଜପୁଥିବାରୁ ସେଇଙ୍କି ସଶକ୍ତ ବିରୋଧୀ ଦେଶ ସ୍ୱାଧୀନ ସମୟରେ ନଥିଲେ । ବ୍ରିଟିଶରଙ୍କ ଦ୍ୱାରା ବାଟଂ ଓ ଶାସନ ଜର ଯୋଜନା ସ୍ୱରୂପ ଦେଶ ସ୍ୱାଧୀନ ହେବା ପୂର୍ବରୁ ଏହାକୁ ହିନ୍ଦୁ ଓ ମୁସଲିମ ଭାବେ ଦୁଇଭାଗ କରି ତିନି ଖଣ୍ଡ କରିଦେବାର ସେମାନେ ସଫଳ ହୋଇଥିଲେ । ତେବେ ପାକିସ୍ତାନ ଗଠନ ପଛରେ ଥିବା ମୁସଲିମ ଲିଗ ପରେ ଏହାର ଅସ୍ଥିତ୍ୱ ହରାଇଥିବାରୁ ପରବର୍ତୀ ପର୍ଯ୍ୟାୟରେ ଭାରତବିରୋଧୀ ତତ୍ପମାନେ ବାମପନ୍ଥୀ ବିଚାରଧାରାରେ ନିଜ ନିଜର କାୟା ବିସ୍ତାର କରିଚାଲିଲେ । କଂଗ୍ରେସ ସରକାର ନିଜର ଗାଦି ବଂଚାଇବାରେ ଲାଗିଥିଲା ଓ ଅପରପକ୍ଷରେ ଦେଶର ବଦବକ ପଦପଦବୀକୁ ବାମପନ୍ଥୀ ବୁଦ୍ଧିଜୀବୀମାନେ ମାଡିବସିଥିଲେ । ସେମାନଙ୍କୁ ସହଯୋଗ କରିବାକୁ ଯାଇ ଦେଶବିରୋଧୀ ତତ୍ତ୍ୱକୁ କଂଗ୍ରେସ ସରକାର ଜାଣିଶୁଣି ଅଣଦେଖା କରିଚାଲିଥିଲା । ଯାହାର ଫଳସ୍ୱରୂପ ପରବର୍ତୀ ପର୍ଯ୍ୟାୟରେ ଆଜକୁ ଠିକ ଦୁଇ ଦଶକ ତଳେ ଆଦିବାସୀମାନଙ୍କ ସ୍ୱାର୍ଥ ନାମରେ ବିହାରଝାଡଖଣ୍ଡ ଅଞ୍ଚଳର ମାର୍କ୍ସବାଦୀ କମ୍ୟୁନିଷ୍ଟ ସେଂଟର ବା ଏମସିସି ଓ ପିପୁଲ୍ସ ୱାର ଗ୍ରୁପ ବା ପିଡବ୍ଲୁଜି ପରସ୍ପରସହ ହାତମିଳାଇ ମାଓଇଷ୍ଟ କମ୍ୟୁନିଷ୍ଟ ନାମରେ ଉତ୍ପାତ ଓ ହିଂସାର ମାଓବାଦର ନୂଆ ଆଧାର ସୃଷ୍ଟି କଲେ । ତେବେ ଦିନକୁ ଦିନ ଏହା ଦେଶପାଇଁ ସବୁଠାରୁ ବଡ ଆଭ୍ୟନ୍ତରୀଣ ସମସ୍ୟା ସୃଷ୍ଟି କରିଥିଲା । ଏକଦା ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂହ କହିଥିଲେ ଯେ, ଦେଶପାଇଁ ସବୁଠାରୁ ବଡ ବିପଦ ମାଓବାଦରୁ ହିଁ ଅଛି । ତେବେ ମାଓବାଦ ଉପରେ ବିଗତ ସରକାରମାନ ମଧ୍ୟ ସଶକ୍ତ ଥିଲେ । ଉକ୍ତ ସରକାର ସମୟରେ ଯେତେବେଳେ ୨୦୦୯-୧୦ ସମୟରେ ଦେଶରେ ମାଓବାଦ ଚରମରେ ଥିଲା ସେତେବେଳେ ଏହାକୁ ଦମନ କରାଯିବା ପାଇଁ ପ୍ରଧାନମନ୍ତ୍ରୀ ମନମୋହନ ସିଂହ ଯୋଜନା କରିଥିଲେ । କିନ୍ତୁ ଅବ୍ୟକ୍ତ ନିଷ୍ଠାପୂର୍ବକ ଅନେକ କାର୍ଯ୍ୟକ୍ରମ ହୋଇଥିଲେ ମଧ୍ୟ ସାପକୁ ଟା ଗାରକୁ ଲାଢିବା ପାଇଁ ଅତି ଗମ୍ଭୀରତାର ସହ କାର୍ଯ୍ୟ କରିଥିଲେ । ୨୦୧୪-୧୫ ମସିହାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ପ୍ରଥମରୁ ବିନା ଘୁରସତରେ ଦେଶପାଇଁ କିଛି କାର୍ଯ୍ୟ କରିବାର ପ୍ରବଳ ଆଗ୍ରହ ଥିଲା । ମାଓବାଦକୁ ଦମନ କରିବାକୁ ମୋଦୀ ସରକାର ଅନ୍ୟତମ ମୌଳିକ ଲକ୍ଷ୍ୟ ଭାବେ ସ୍ଥିର କରିଥିଲେ ଓ ୨୦୧୫ରେ ନ୍ୟୁ ଆକ୍ସନ ପ୍ଲାନ ପ୍ରସ୍ତୁତ ହେଲା ଦେଶର ସ୍ୱରାଷ୍ଟ୍ରମନ୍ତ୍ରୀ ଆମୀତ ସାହା ବିଗତ ବିନମାନଙ୍କରେ ତାଙ୍କ ଶାସନ କାଳରେ କିପରି ଭାବେ ମାଓବାଦକୁ ଦୃଢ ହସ୍ତରେ ଦମନ କରାଯାଇଛି ତାହାର ତଥ୍ୟ ରଖିଥିଲେ । ୨୦୧୬ ଶେଷସୁଦ୍ଧା ଭାରତ ସରକାର ସମଗ୍ର ଦେଶରୁ ମାଓବାଦକୁ ମୂଳୋତ୍ପାଟନ କରିବାର ଲକ୍ଷ୍ୟ ରଖିଛନ୍ତି । ଏହି କ୍ରମରେ ୨୦୨୨ରେ ମାଓ କାର୍ଯ୍ୟକଳାପ ୭୬ ପ୍ରତିଶତ ହ୍ରାସ ପାଇଥିଲା । ମାଓଝିଂପା ମଧ୍ୟ ଦୃଷ୍ଟାନ୍ତମୂଳକ ଭାବେ ହ୍ରାସ ପାଇଛି । ଦେଶରେ ୫୦୦କୁ ଊର୍ଦ୍ଧ୍ୱ ସୁରକ୍ଷା କେନ୍ଦ୍ର ପ୍ରତିଷ୍ଠା କରାଯିବା ସହ ୬୦୦କୁ ଊର୍ଦ୍ଧ୍ୱ ପୋଲିସ ଷ୍ଟେସନକୁ ମାଓବାଦ ବିରୋଧରେ ଲଢିବା ପାଇଁ ସ୍ୱତନ୍ତ୍ର ଦାୟିତ୍ୱ ଦିଆଗଲା । କିନ୍ତୁ ବିଗତ ଦିନମାନଙ୍କରେ ମାଓ ମୁଖ୍ୟା ମାନଙ୍କୁ ଖୋଜି ନିପାତ କରିବା ସେତେଦୂର ସମ୍ଭବ ହେଉନଥିଲା କିନ୍ତୁ ବର୍ତ୍ତମାନ ଏକପ୍ରକାର ମାଓବୃର୍ଚ୍ଚ ମୁରବାଶୂନ୍ୟ ହୋଇଯାଇଛି । ସରକାର ମାଓଅଧ୍ୟୁଷିତ ଆଦିବାସୀ ଅଞ୍ଚଳରେ ଆଦିବାସୀମାନଙ୍କ ସହ ସେମାନଙ୍କ ପାଇଁ ମେଡିକାଲ, ଶିକ୍ଷା ଓ ରାସ୍ତା ନିର୍ମାଣକୁ ତ୍ୱରାନ୍ୱିତ କରିଥିଲେ । ମାଓବାଦକୁ ଦମନ କରିବା ପାଇଁ ୧୫୦୦କୋଟି ଟଙ୍କାର ଏକ ବୃହତ ରାଶୀ ମଧ୍ୟ ସରକାରଙ୍କ ଚଢବିଲକୁ ଖର୍ଚ୍ଚ ହୋଇଥିଲା । ତେବେ ଅନ୍ୟ ଏକ ବଡ ଉପଲବ୍ଧି ସରକାରଙ୍କୁ ମିଳିଥିଲା କେବର୍ଡ ସଂଖ୍ୟାରେ ମାଓବାଦୀ ମାଓବାଦକୁ ପରିହାର କରି ସମାଜର ମୁଖ୍ୟସ୍ରୋତରେ ମିଶିବା ପାଇଁ ଚେଷ୍ଟା କରୁଛି । ଦେଶର ବିକାଶ ପାଇଁ ଯେପରି ଭାବେଁ ସ୍ୱାଶର ହେବା ସମସ୍ତଙ୍କୁ ଆବଶ୍ୟକ ଠିକ ସେହିପରି ଆଦିବାସୀ ଅଞ୍ଚଳକୁ ଗମନାଗମନର ବିକାଶ କରି ସେଠାରେ ଶିକ୍ଷା ଓ ସ୍ୱାସ୍ଥ୍ୟର କୁଶିଆରି ଡାକ୍ତାଙ୍କୁ ପରିବର୍ତନ କରିବା ପରେ ମାଓବାଦ ଏବେ କେବଳ ଆବର୍ଣ୍ଣବିହୀନ ଓ ଦୃଢ ଅବନତୀ କରୁଥିବା ଏକ ଚାନ୍ଦା ଆଦାୟକାରୀ ସଂସ୍ଥାରେ ପାଲଟିଛି । ପୂର୍ବରୁ ବିଦେଶୀ ଏନଜିଓ ସଂସ୍ଥାମାନଙ୍କ ଦ୍ୱାରା ଭାରତବିରୋଧୀ ଶକ୍ତି ଭାବେ ମାଓବାଦକୁ ଗୁପ୍ତ ପ୍ରୋତ୍ସାହନ ଥିବାରୁ ଏହାକୁ ଧିରେ ଧିରେ ସେମାନଙ୍କ ପୁଞ୍ଜିର ସ୍ରୋତ ଉପରେ ଲଗାମ କଷାଯିବାରୁ ଧିରେଧିରେ ମାଓବାଦୀମାନଙ୍କୁ ଆର୍ଥିକ ସହାୟତା ମିଳିବା ବନ୍ଦ ହେବା କାରଣରୁ ଏବେ ମାଓବାଦକୁ ସେଇଳି କେହି ନୂଆଭାବେ ସଦ୍ୟବ୍ୟତା ଗ୍ରହଣ କରୁନାହାଁନ୍ତି ଓ ଦିନକୁ ଦିନ ଏହା ଦୁର୍ବଳ ହେବାରେ ଲାଗିଛି । ମାଓଅଧ୍ୟୁଷିତ ଅଞ୍ଚଳରେ ପୂର୍ବରୁ ନିର୍ବାଚନରେ ଶତକଡା ୫୦ ପ୍ରତିଶତ ମଧ୍ୟ ଭାଗ ନେଉନଥିବା ଦେଖାଯାଇଛି ଏବେ ଏବେ ୭୦ପ୍ରତିଶତ ମତଦାନ ହିଁ ସେଠାରେ ଲୋକେ ମାଓବାଦ ପରି

ଆଫ୍ରିକାର ମୁକୁଟ ଉଗାଣ୍ଡା

ଜାଣିଲି ମାଳେରେରେ ବିଶ୍ୱବିଦ୍ୟାଳୟର କିଛି ପ୍ରସିଦ୍ଧ ପୂର୍ବତନ ବିଦ୍ୟାର୍ଥୀଙ୍କୁ, ସେମାନେ ହେଲେ ତାଞ୍ଜାନିଆର ପ୍ରଥମ ରାଷ୍ଟ୍ରପତି ଜୁଲିଅସ୍ ନ୍ୟେରେରେ, ଉଗାଣ୍ଡାର ପୂର୍ବତନ ରାଷ୍ଟ୍ରପତି ମିଲଟନ୍ ଓବୋଟେ, ଜେନିଆର ପୂର୍ବତନ ରାଷ୍ଟ୍ରପତି ମଥୁଆ କିବାଜି, ନାଇଜେରୀୟ ଲେଖକ ତଥା ସାହିତ୍ୟରେ ନୋବେଲ ପୁରସ୍କାର ବିଜେତା ଓଲି ସୋୟିଙ୍କା । ଲଣ୍ଡନପିଆର ରାଜଧାନୀ ଆଡିସ୍ ଆବାବାରୁ ଉଡ଼ାଣ ଭରିଥିବା ମୋର ବିମାନ ଶେଷରେ ଅବତରଣ କଲା ଉଗାଣ୍ଡା ମାଟିରେ । ଟର୍ମିନାଲର ଲେଖା, 'ଏତେବେଳେ ଆନ୍ତର୍ଜାତିକ ବିମାନବନ୍ଦର' ସ୍ପଷ୍ଟ ହେବା ସହିତ ମୋର ସ୍ମୃତି ଫେରିଗଲା ପଚାଶ ବର୍ଷ ତଳକୁ । ମନେ ପଡ଼ିଗଲା ବହୁଦିନ ତଳେ ପଢ଼ିଥିବା କ୍ରିଷ୍ଟୋଫର ମାର୍ଲୋଙ୍କ ପ୍ରସିଦ୍ଧ ନାଟକ 'ଡକ୍ଟର ଫାଉଷ୍ଟସ୍'ରେ ଟ୍ରୋୟର ହେଲେନ୍‌ଙ୍କ ଉଦ୍ଦେଶ୍ୟରେ ଫାଉଷ୍ଟସ୍ ଦେଇଥିବା ଲୟମୟ ଅଭିବ୍ୟକ୍ତି: 'ଇଏ ଚାଁ ସେହି ବଦନ, ଯା'ପାଇଁ ସମୁଦ୍ର ବକ୍ଷେ ମେଲିଥିଲା ଜାହାଜ ସହସ୍ର, ଏବଂ ବଗ୍‌ଧିଥିଲା ଲଲିଥମ୍‌ର ଶିଖରହୀନ ମିନାର ଅକସ୍ମ୍' ଇଏ ତା'ହେଲେ ସେହି ଏତେବେଳେ, ଯେଉଁଠି ଅଭିନୀତ ହୋଇଥିଲା ବିମାନ ଅପହରଣରେ ବନ୍ଧକ ବନିଥିବା ୧୦୬ ଯାତ୍ରୀଙ୍କ ମୁକ୍ତିର ଏକ ଦୁଃସାହସିକ ଅଭିଯାନ 'ଅପରେସନ ଥଣ୍ଡରବୋଲ୍ଟ' ! ଅପରେସନ୍ ଥଣ୍ଡରବୋଲ୍ଟ୍ ୪ ଜୁଲାଇ ୧୯୭୬ରେ ହୋଇଥିଲା ଏକ ଇସ୍ରାଏଲୀ ଆତଙ୍କବାଦ ବିରୋଧୀ ଉଦ୍ଧାର ଅଭିଯାନର ନାଁ । ପାଲେଷ୍ଟିନୀୟ ଓ ଜର୍ମାନ ବିମାନ ଅପହରଣକାରୀମାନେ ଗୋଟିଏ ଏୟାର ଫ୍ରାନ୍‌ସ୍ ବିମାନକୁ ଅପହରଣ କରି ଏତେଂବେଳୁ ନେଇଯାଇଥିଲେ । ସେମାନଙ୍କ ଜବଳରୁ ବନ୍ଧକ ବିମାନଯାତ୍ରୀଙ୍କୁ ଉଦ୍ଧାର କରିବାପାଇଁ ଇସ୍ରାଏଲୀ କମାଣ୍ଡୋମାନେ ୪୦୦୦ କିଲୋମିଟରରୁ ଅଧିକ ଦୂର ଉଡ଼ି ଏତେଂବେ ବିମାନବନ୍ଦରେ ପହଂଚିଥିଲେ । ଗୋପନୀୟ ଗୁପ୍ତଚର ଯୋଜନାର ସହଯୋଗରେ ଏହି ଅଭିଯାନ ପ୍ରାୟ ୯୦ ମିନିଟ ଚାଲିଥିଲା । ଅଧିକାଂଶ ବନ୍ଧକଙ୍କୁ ମୁକ୍ତ କରାଯାଇଥିଲା, ଉଦ୍ଧାର ସମୟରେ ତିନିଜଣ ବନ୍ଧକଙ୍କ ମୃତ୍ୟୁ ହୋଇଥିଲା ଏବଂ କେବଳ କମାଣ୍ଡୋ ଅଭିଯାନର ନେତା, ଲେଫ୍‌ଟନାଂଟ କର୍ଣ୍ଣେଲ ଯୋନାଥାନ୍ ନେତାନ୍ୟାହୁ (ଇସ୍ରାଏଲର ବର୍ତ୍ତମାନର ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁଙ୍କ ବଡ଼ଭାଇ) ନିହତ ହୋଇଥିଲେ । ଏହି ଅଭିଯାନକୁ ଆଧୁନିକ ଆତଙ୍କବାଦ ବିରୋଧୀ ଇତିହାସରେ ଏକ ମାଇଲଖୁଣ୍ଟ ଭାବେ ଗଣାଯାଏ । ଏହି ଘଟଣା ଉପରେ ନିର୍ମିତ ହୋଇଛି ଚଳଚିତ୍ର 'ଅପରେସନ୍ ଥଣ୍ଡରବୋଲ୍ଟ' । ବିମାନ ଅପହରଣକାରୀଙ୍କୁ ଅଂଗକ୍ଷଣ ଦେଇଥିଲେ ସେ ସମୟର ଉଗାଣ୍ଡାର ଭୁଲ, ବିଦାବାଦ୍ଧବ, ଏଇଜ୍ରତ୍ରବୀ ଶାସକ ଇଦି ଆମିନ୍ । ୧୯୭୨ ମସିହାରେ ସେ ନିଜ ରାଜନୈତିକ ଲାଭ ପାଇଁ ଉଗାଣ୍ଡାର ଭାରତୀୟ ବ୍ୟବସାୟୀମାନଙ୍କୁ ଦେଶରୁ ତଡ଼ି ଦେଇଥିଲେ । ଭୌଗୋଳିକ ଭାବେ ଉଗାଣ୍ଡା ଏକ ଭୂ-ଆବୃତ ଦେଶ ହେଲେ ମଧ୍ୟ ଏଠାରେ ପ୍ରଚୁର ଜଳସମ୍ପଦ ରହିଛି । ରାଜଧାନୀ କାମ୍ପାଲାରୁ ଜିଞ୍ଜା ସହର ପାଖାପାଖି ୧୦୦ କିଲୋମିଟର ଦୂରରେ । ଏଠାରେ ଅଛି ଭିକ୍ଟୋରିଆ ହ୍ରଦ ଭିତରେ ନୀଳ ନଦୀର ପୁଖ୍ୟ ଉତ୍ସ । ବିଶ୍ୱର ସବୁଠାରୁ ବଡ଼ ଉଷ୍ଣକଟିବନ୍ଧୀୟ ହ୍ରଦ ଲେକ୍ ଭିକ୍ଟୋରିଆ । ମୋଟରବାଚାଳିତ ଡଙ୍ଗା ଯେତେବେଳେ ମୋତେ ନେଇ ପହଂଚିଲା ପୃଥିବୀର ଦୀର୍ଘତମ ନଦୀ ନୀଳ ନଦୀର ଉତ୍ସରେ, ପାଣିର ସ୍ପର୍ଶ ମାତ୍ରକେ ଶିହରି ଉଠିଲି, ମୋ ଆଖିସାମ୍ନାରେ ଭାସିଉଠିଲେ କେତେବୋ କେବେ ଐତିହାସିକ ଚରିତ୍ର, ମିଶରର ସୁନ୍ଦରୀ ରାଣୀ କ୍ଲିଓପାଟ୍ରାଙ୍କ ସମେତ । ସେହି କ୍ଲିଓପାଟ୍ରା ରୋମ୍‌ର ନେତା ଜୁଲିଅସ୍ ସିଜରଙ୍କ ସହିତ ଯାହାଙ୍କର ପ୍ରେମ ନୀଳ ନଦୀ ତଟସ୍ଥିତ ଆଲେକ୍‌ଜାଣ୍ଡ୍ରିଆ ସହରକୁ ରାଜନୈତିକ ଓ ରୋମାଂଟିକ ମଂଚରେ ପରିଣତ କରିଥିଲା । ସେହି କ୍ଲିଓପାଟ୍ରା, ଯାହାଙ୍କ ସୌନ୍ଦର୍ଯ୍ୟ ଅମରତ୍ୱ ଲାଭିଛି ସେକ୍ସପିୟରଙ୍କ 'ଆଣ୍ଟୋନି ଓ କ୍ଲିଓପାଟ୍ରା' ନାଟକରେ: 'ବୟସର ଧୂଳି ଯା'କୁ ଛୁଇଁ ନାହିଁ, ପାରିନି ତାଙ୍କୁ ଛୁଇଁ ତା'ର ଅସୀମ ଲାବଣ୍ୟକୁ ଭୋଳକୁ ଭରି ଭୋକ ଶେଷେ ହୁଏ ସିନା କ୍ଳାନ୍ତ, ବୃଦ୍ଧି ପରେ କିନ୍ତୁ କ୍ଲିଓପାଟ୍ରା ଜଗାଏ ଆକାଂଙ୍କ୍ଷାର ନୂତନ ଚିତ୍ତ' । ଉଗାଣ୍ଡାର ପ୍ରାକୃତିକ ସୌନ୍ଦର୍ଯ୍ୟ, ସମୃଦ୍ଧ ଜୈବବିବିଧତା ଏବଂ ସାଂସ୍କୃତିକ ବିଭିନ୍ନତାରେ ମୁଗ୍ଧ ହୋଇ ବ୍ରିଟିଶ ପ୍ରଧାନମନ୍ତ୍ରୀ ଉିନ୍‌ଷ୍ଟନ ଚର୍ଚ୍ଚିଲ ପ୍ରଥମେ ଉଗାଣ୍ଡାକୁ 'ଆଫ୍ରିକାର ମୁକୁଟ' ବୋଲି କହିଥିଲେ । ଚାଳିଶ ବର୍ଷ ଧରି ଉଗାଣ୍ଡାର ରାଜନୈତିକ ଅସ୍ଥିରତା ଓ ଗୃହଯୁଦ୍ଧ ମୁସେଭେନିଙ୍କ ଆତ୍ମଜୀବନୀ 'ସୋଲଜ୍ ଦି ମଷ୍ଟାର୍ଡ ସିଡ୍' ରେ ରହିଛି ଉଗାଣ୍ଡାର ରାଜନୈତିକ ସଂଘର୍ଷ, ଇତିହାସ, ଦେଶର ସୁରକ୍ଷା ତଥା ରାଷ୍ଟ୍ର ନିର୍ମାଣର କାହାଣୀ । କିପରି ଯୁବାବସ୍ଥାରେ ଦୃଢ଼ ସଙ୍କଳ୍ପ ଓ ସଂଘର୍ଷ ମାଧ୍ୟମରେ ଉଗାଣ୍ଡାର ରାଜନୈତିକ ଅସ୍ଥିରତା ଦୂର କରି ସେ ଦେଶକୁ ଦେଇଛନ୍ତି ଏକତା ଓ ଶାନ୍ତି, ତାହା ଏହି ପୁସ୍ତକରେ ବର୍ଣ୍ଣିତ । ଉଗାଣ୍ଡା ବିଶ୍ୱବିଦ୍ୟାଳୟ ପାହାଡ଼ୀ (ମାଉଣ୍ଟେନ) ଗରିଲାଙ୍କ ଆଶ୍ରୟସ୍ଥଳ ଭାବେ ମଧ୍ୟ ପରିଚିତ । ଡ଼ିଣ୍ଡି ଅଲେଭ୍ୟ ଜାତୀୟ ଉଦ୍ୟାନରେ ହେଉଥିବା ଗରିଲା ଟ୍ରେକିଂ ପର୍ଯ୍ୟଟନ ପୃଥିବୀର ସବୁଠାରୁ ଅନନ୍ୟ ଅନୁଭବମାନଙ୍କ ମଧ୍ୟରୁ ଗୋଟିଏ । ଗରିଲା ଟ୍ରେକିଂ ସମୟରେ ଯେତେବେଳେ ପ୍ରଥମେ ଏକ ପାହାଡ଼ୀ ଗରିଲା ପରିବାରକୁ ନିକଟରୁ ଦେଖିଲି, ସେ ମୁହূର୍ତ୍ତ ଜୀବନଭରି ସ୍ମରଣୀୟ ହୋଇ ରହିବ । ସେମାନଙ୍କର ଶାନ୍ତ ଦୃଷ୍ଟି, ଶିଶୁ ଗରିଲାଙ୍କର ଖେଳିଖେଳ ଓ ସିଲ୍‌ଭରବ୍ୟାକ୍‌ର ଗମ୍ଭୀର ରୁକ୍ଷଭାବ ମନୁଷ୍ୟ ଓ ପ୍ରକୃତିର ଗଭୀର ସମ୍ପର୍କକୁ ଉଜାଗର କରିଥାଏ । ଡାଏନା ଫସେଙ୍କ ବାଦ୍ ଦେଲେ ପାହାଡ଼ୀ ଗରିଲାଙ୍କ କଥା ଅଧୁରା ରହିଯିବ । ତାଙ୍କର ଗବେଷଣା ଓ ସଂରକ୍ଷଣ କାର୍ଯ୍ୟ ଗରିଲା ସୁରକ୍ଷା ପ୍ରତି ବିଶ୍ୱ ଦୃଷ୍ଟିଆକର୍ଷଣ କରିଥିଲା । 'ଗରିଲାଙ୍କ ଇନ୍ ଦି ମିଷ୍ଟ' (୧୯୮୩) ଡାଏନା ଫସେଙ୍କ ଜୀବନ ଓ କାର୍ଯ୍ୟ ଉପରେ ଆଧାରିତ ଏକ ପ୍ରସିଦ୍ଧ କୃତି । ଏହା ୧୯୮୮ରେ ଚଳଚିତ୍ରର ରୂପ ନେଇଛି । ଏହି କାହାଣୀରେ ଫସେଙ୍କ ରୁଆଣ୍ଡାର ଭିରୁଙ୍ଗା ପର୍ବତମାଳାରେ ପାହାଡ଼ୀ ଗରିଲାଙ୍କ ସହ ବିତାଇଥିବା ଜୀବନ, ତାଙ୍କର ଗବେଷଣା ଏବଂ ଅବାଧ ଗରିଲା ଶିକାର ବିରୋଧରେ ଅତମ୍ୟ ସଂଘର୍ଷକୁ ମାର୍ମିକ ଭାବେ ଉପସ୍ଥାପନ କରାଯାଇଛି । ପୁସ୍ତକଟି ପୁକୃତି, ପ୍ରେମ ଓ ସଂରକ୍ଷଣର ଏକ ଅମର ଦସ୍ତାବିଜ । ବିଷ୍ଣୁବରେଖା ଉଗାଣ୍ଡାରେ ଭିକ୍ଟୋରିଆ ହ୍ରଦ ଏବଂ କାୟାରେ ନିଜସ୍ତବର୍ତ୍ତୀ ଅଂଚଳ ଦେଇ ଗତିକରିଛି, ଯାହାଫଳରେ ଏହା ଉଗାଣ୍ଡାକୁ ଜଳର ଓ ବକ୍ଷିଣ ଗୋଲାର୍ଦ୍ଧରେ ବିଭକ୍ତ କରିଛି । ଶୀତ ଅୟନାନ୍ତ ଦିନ (ଡିସେମ୍ବର ୨୨ ତାରିଖ), ଲୁବେଂଶ୍ୱରରେ ଦିନ ୧୦ ଘଂଟା ୪୬ ମିନିଟ ଓ ରାତି ୧୩ ଘଂଟା ୧୪ ମିନିଟ (ଅର୍ଥାତ୍ ବର୍ଷର ସବୁଠାରୁ ବଡ଼ ରାତି) ଅବଧିର ହେଲାବେଳକୁ ଉଗାଣ୍ଡାର ଏଲେଗୁ (୩.୫୭ ଡିଗ୍ରୀ ଉତର ଅକ୍ଷାଶଂ)ରେ ଦିନ ୧୧ ଘଂଟା ୪୭ ମିନିଟର ଓ ରାତି ୧୨ ଘଂଟା ୧୩ ମିନିଟର (ବଡ଼ ରାତି, ଶୀତ ଋତୁର ଲକ୍ଷଣ) ହୁଏ ଏବଂ ଜିକାଗାଟି (୧.୦୪ ଡିଗ୍ରୀ ବକ୍ଷିଣ ଅକ୍ଷାଂଶ)ରେ ଦିନ ୧୨ ଘଂଟା ୦୪ ମିନିଟର ଓ ରାତି ୧୧ ଘଂଟା ୫୬ ମିନିଟର (ବଡ଼ ଦିନ, ଗ୍ରୀଷ୍ମ ଋତୁର ଲକ୍ଷଣ) ହୁଏ ! ଗୋଟିଏ ଦେଶ (ଉଗାଣ୍ଡା) ର ଦୁଇଟି ସ୍ଥାନରେ ଭିନ୍ନ ଋତୁ ଅନୁଭୂତ ହୁଏ ! ଅବଶ୍ୟ ଉଗାଣ୍ଡା ବିଷ୍ଣୁବରେଖାର ନିକଟରେ ଥିବାରୁ ଗ୍ରୀଷ୍ମ ଓ ଶୀତ ମଧ୍ୟରେ ତାପମାନର ତଫାତ୍ ବହୁତ ପ୍ରଭାବଶାଳୀ ନୁହେଁ । ଏହି ଭୌଗୋଳିକ ବିଶେଷତା ଯୋଗୁଁ ବର୍ଷସାରା ତାପମାତ୍ରା ସମାନ ରହେ ଏବଂ ଗ୍ରୀଷ୍ମ ଓ ବର୍ଷା ଋତୁ ସ୍ପଷ୍ଟରୂପେ ଅନୁଭୂତ ହୁଏ । ଶୂନ ଡିଗ୍ରୀ ଅକ୍ଷାଂଶରେ 'ସେଲ୍‌ସି' ଉଠାଇବାର ଅନୁଭୂତି ବି ନିଆରା । କାମ୍ପାଲାରେ ସାରା ବର୍ଷ ଦିନ ଓ ରାତିର ଅବଧି ପ୍ରାୟ ସମାନ, ୧୨ ଘଂଟା ଦିନ ଓ ୧୨ ଘଂଟା ରାତି ଥାଏ । ବସନ୍ତ ସମ୍ପାତ (ମାର୍ଚ୍ଚ ୨୧) ଓ ଶରତ ସମ୍ପାତ (ସେପଟେମ୍ବର ୨୩) ଦିନ ମଧ୍ୟହ୍ନର ସୂର୍ଯ୍ୟ ସିଧା ମୁଣ୍ଡ ଉପରେ ଥିବାରୁ ଏହି ଦୁଇଦିନ କାମ୍ପାଲାରେ ଶୂନ୍ୟ ଛାୟା ଦିବସ ଅନୁଭୂତ ହୁଏ, ଅର୍ଥାତ୍ ? ଛାଇ ହଜିଯାଏ । ବର୍ଷର କିଛି ଭିନ୍ନ ସମୟରେ ଛାଇର ଦିଗ ଦକ୍ଷିଣ ମଧ୍ୟ ଏଠାରେ ସହଜରେ ଦେଖାଯାଏ । କାମ୍ପାଲାରେ ସୂର୍ଯ୍ୟୋଦୟ ଓ ସୂର୍ଯ୍ୟାସ୍ତ ପ୍ରାୟ ହେବାରୁ ସନ୍ଧ୍ୟା ଓ ପ୍ରଭାତକାଳ ଛୋଟ ସମୟର ହୁଏ । ଏଠାରେ ଜାନୁଆରୀ ରାତିର ଆକାଶରେ ଜଳର ଗୋଲାର୍ଦ୍ଧର କିଛି ତାରାମଣ୍ଡଳ, ଯଥା- କାଳପୁରୁଷ, ମୃଗବ୍ୟାଧ, ବୃଷ୍ଣ, ମିଥୁନ, ଶର୍ମିଷ୍ଠା ସହିତ ବକ୍ଷିଣ ଗୋଲାର୍ଦ୍ଧର କିଛି ତାରାମଣ୍ଡଳ, ଯଥା- ତ୍ର

ସମ୍ବଲପୁର ଜିଲ୍ଲା କୁଚିଣ୍ଡା ଉପଖଣ୍ଡ ଭୋଜପୁର ଠାରେ କୁଚିଣ୍ଡା ପୂର୍ବ ବିଭାଗ ପକ୍ଷରୁ ପଚାୟତିରାଜମନ୍ତ୍ରୀ ରବି ନାରାୟଣ ନାୟକ ଛଅଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସହ ଉଦ୍‌ଘାଟନ କରିଛନ୍ତି

କଲେଜ ଶିକ୍ଷକ କର୍ମଚାରୀ ସଂଘ ପକ୍ଷରୁ ପ୍ର. ଧୀରେନ୍ଦ୍ର କୁମାର ମିଶ୍ର ସମ୍ବର୍ଦ୍ଧିତ

ସମ୍ବଲପୁର,୧୭/୧(ନି/ପ୍ର): ଙ୍କାରୀ ଭାଷା ଓ ସାହିତ ଗବେଷକ ଓ ବେସରକାରୀ କଲେଜ ଶିକ୍ଷକ ସଂଘ ର ପୁରୁଖା ସଂଗଠକ ପ୍ରଫେସର ଧୀରେନ୍ଦ୍ର କୁମାର ମିଶ୍ରଙ୍କୁ ସମ୍ବଲପୁର ପ୍ରଧାନପଡ଼ା ସ୍ଥିତ ତାଙ୍କ ବାସଭବନରେ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଆଜି ତାଙ୍କୁ ଓଡିଶା ପଢୁଆ ଅଂଚଳ ବେସରକାରୀ କଲେଜ ଶିକ୍ଷକ କର୍ମଚାରୀ ସଂଘ ତରଫରୁ କର୍ମନିର୍ଦ୍ଦେଶ ଓ ସଭ୍ୟ ମାନଙ୍କ ଗହଣରେ ସମ୍ବର୍ଦ୍ଧିତ କରାଯାଇଛି। ପ୍ର. ମିଶ୍ର ଗତ ୧୧ ତାରିଖ ଅନୁଷ୍ଠିତ ସାଧାରଣ ଢେବ୍‌ରେ ସଳିଳନୀକୁ ଅସୁସ୍ଥତା ହେତୁ ସମ୍ବର୍ଦ୍ଧନା ଗ୍ରହଣ କରିବାପାଇଁ ଯାଇପାରି ନ ଥିବାରୁ ସଂଘ ର କାର୍ଯ୍ୟକାରୀ ସଭାପତି ଡ. ଅଶ୍ୱିନୀ କୁମାର ସୁପକାର ଉପଦେଷ୍ଟା ଅଶୋକ କୁମାର ବହିଦାର ଉପସଭାପତି ଡ.ଦୀପେନ୍ଦ୍ର କୁମାର ପଟ୍ଟନାୟକ, ଡ. ସୂର୍ଯ୍ୟ ନାରାୟଣ ଅଗସ୍ତି, ଶଶୀଭାଜ୍ଞ ପଣ୍ଡା, ବରିଷ୍ଠ ସଦସ୍ୟ ଡ. ସୁଧୀର କୁମାର ମିଶ୍ର ଓ ଡ.ସିଦ୍ଧାର୍ଥ ପଣ୍ଡା ପ୍ରମୁଖ ତାଙ୍କୁ ଆଜି ପୁଷ୍ପ ଗୁଚ୍ଛ, ଉପଢୌକନ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ । ସମ୍ବର୍ଦ୍ଧନାର ଉତ୍ତରରେ ପ୍ର. ମିଶ୍ର ବିଭିନ୍ନ କଲେଜ ରେ ଅଧ୍ୟାପନା ର ଅନୁଭୂତି ତଥା ୧୯୭୬ ରେ ସମସ୍ତ ବର୍ଗ ର ଅଧ୍ୟାପକ ମାନଙ୍କୁ ଅନୁଦାନ ଦେବା ସଜାଣେ ଗାଣ୍ଧୀଭବନ ରେ ହୋଇଥିବା ଅନଶନ ଓ ୧୯୯୦ ରେ ହୋଇଥିବା ୟୁନିସିଟ୍ୟେଲ୍ ବରମା ପାଇଁ ଆନ୍ଦୋଳନ ବିଷୟ ରେ ଆଲୋଚନା କରିଥିଲେ ।

ସାପ୍ତାହିକ ବଜାର ଚାଲିଥିବା ବେଳେ ମାଡିଗଲା ଗାଡ଼ି : ମହିଳା ମୃତ

ସମ୍ବଲପୁର,୧୭/୧(ନି/ପ୍ର): ସମ୍ବଲପୁର ଜିଲ୍ଲା ଜମନକିରା ଥାନା ବଡରମା ସାପ୍ତାହିକ ବଜାର ଚାଲିଥିବା ବେଳେ ଆଜି ପ୍ରାୟ ଅପରାହ୍ନ ସାଢ଼େ ୧ ଟା ସମୟ ପାଖାପାଖି ଏକ ଟାଟା ଏସି (ଓଡି ୧୫ ଜେ ୯୨୬୫) ଗାଡ଼ି କୁ ଏକ ଜଙ୍ଗେନର (ବଡୁଡି ୧୯ ଏଲ୍ ୦୬୯୯) ପଛ ପଟୁ ଧକ୍କା ଦେବା ଫଳରେ ଟାଟା ଏସି ଗାଡ଼ି ଯାଇ ବଜାର ଭିତରେ ବସିଥିବା ୩ ଜଣ ମହିଳାଙ୍କୁ ଧକ୍କା ଦେଇଥିଲା । ଫଳରେ ସେଠାରେ ବସିଥିବା ବିଣାକଯାଲି ଗାଁର ତିଲୋତମା ସିଂ (୫୦), କଳାବତୀ ସିଂ (୪୫) ଓ ପିଙ୍କୁ ସିଂ (୩୬) ଗୁରୁତର ଆହତ ହୋଇଥିଲେ । ପୋଲିସ ପହଞ୍ଚି ଆହତ ମାନଙ୍କୁ ବୁର୍ଲା ବଡ ଡାକ୍ତରଖାନା କୁ ପଠେଇଥିବା ବେଳେ ସେଠାରେ ଡାକ୍ତର ତିଲୋତମାଙ୍କୁ ମୃତ ଘୋଷଣା କରିଥିଲେ । ଏନେଇ ଜମନକିରା ଥାନା କେସ ନ. ୧୧/୨୬ ଏକ ଦୁର୍ଘଟଣା ଜନିତ ମାମଲା ରୁଜୁ କରାଯାଇଛି । ଟ୍ରକ ଓ ଟାଟା ଏସି ଗାଡ଼ି କୁ ଜବତ କରାଯିବା ସହ ଜଙ୍ଗେନର ଗାଡ଼ି ଚାଲକ କୁ ଅଟକ ରଖାଯାଇ ଅଧିକ ତଦନ୍ତ ଜାରି ରଖିଥିବା ନେଇ ଥାନା ଆଇଆଇସି ପଦ୍ମାଳୟା ସାହୁ ପ୍ରକାଶ କରିଛନ୍ତି।

ପୋଲିସ ର ସୂଚନା ଅନୁଯାୟୀ, ଆଜି ଅପରାହ୍ନ ସାଢେ ୧ ଟା ସମୟ ପାଖାପାଖି ଦେବଗଡ଼ ପଟୁ ସମ୍ବଲପୁର ଅଭିମୁଖେ ଯାଉଥିବା ବେଳେ ବଡରମା ସାପ୍ତାହିକ ବଜାର ନିକଟ ରାଜରାସ୍ତା ୫୩ ରେ ଏକ ଜଙ୍ଗେନର ଟ୍ରକ୍ ସାମ୍ନାରେ ଯାଉଥିବା ଟାଟା ଏସି କୁ ପଛରୁ ଧକ୍କା ଦେଇଥିଲା । ଫଳରେ ଟାଟା ଏସି ଗାଡ଼ି ଟି ବଜାର ଭିତରକୁ ପଶି ଯାଇଥିଲା । ସେଠାରେ ବଜାର କରି ଘରକୁ ଯିବା ପାଇଁ ଅପେକ୍ଷା କରିଥିବା ୩ ଜଣ ମହିଳାଙ୍କ ଉପରେ ଚଢ଼ି ଯାଇଥିଲା । ଫଳରେ ୩ ଜଣ ମହିଳା ଗୁରୁତର ଆହତ ହୋଇଥିଲେ । ପୋଲିସ ପହଞ୍ଚି ମହିଳାମାନଙ୍କୁ ଉଦ୍ଧାର କରିବା ସହ ବୁର୍ଲା ଡ଼ାକ୍ତରଖାନା କୁ ସ୍ଥାନାନ୍ତରିତ କରିଥିଲା । ତେବେ ଡାକ୍ତରଖାନା ରେ ଡାକ୍ତର ତିଲୋତମା କୁ ମୃତ ଘୋଷଣା କରିଥିଲେ । ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ ।

ବିପର୍ଯ୍ୟୟ ପରିଚାଳନାରେ ଲିଙ୍ଗଗତ ସମାନତା ଓ ସାମାଜିକ ଅନ୍ତର୍ଭୁକ୍ତିକରଣ ନିମନ୍ତେ ଜିଲ୍ଲାସ୍ତରୀୟ କର୍ମଶାଳା

ଝାରସୁଗୁଡ଼ା,୧୭/୧(ନି/ପ୍ର): ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଜିଲ୍ଲା ଖଣିଜ ପାଣ୍ଠି ଅଡିଟୋରିୟମ ହଲ୍‌ଠାରେ 'ବିପର୍ଯ୍ୟୟ ବିପତ୍ତି ହ୍ରାସ କ୍ଷେତ୍ରରେ ଲିଙ୍ଗଗତ ସମାନତା ଏବଂ ସାମାଜିକ ଅନ୍ତର୍ଭୁକ୍ତିକରଣ' ଶୀର୍ଷକ ଏକ ଜିଲ୍ଲା ସ୍ତରୀୟ ପ୍ରସ୍ତୁତି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) କିଶୋର ଚନ୍ଦ୍ର ସ୍ୱାଇଁ, ଜିଲ୍ଲା କଲ୍ଲରୀଙ୍କାଳୀନ ବିଭାଗର ସହକାରୀ ଜିଲ୍ଲାପାଳ ମୃତ୍ୟୁଞ୍ଜୟ ସବର, ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ କୁମାରୀ ଆଲୋକମୟୀ ପ୍ରଧାନ, ଆରଣ୍ୟକ ମିଶ୍ର ଏବଂ ଓସବମା ପ୍ରତିନିଧି ସୁବୋଧ ନାୟକ ପ୍ରମୁଖ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମର ପ୍ରାରମ୍ଭରେ ଜିଲ୍ଲା ପ୍ରଜଳ୍ପ ଅଧିକାରୀ ସୁଶାନ୍ତ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିବା ସହ କର୍ମଶାଳାର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ । ଏହି ଜିଲ୍ଲା ସ୍ତରୀୟ କର୍ମଶାଳାରେ ଜିଲ୍ଲା ବିପର୍ଯ୍ୟୟ ପରିଚାଳନା ଯୋଜନାକୁ ଅଧିକ ପ୍ରଭାବଶାଳୀ କରିବା ପାଇଁ ଲିଙ୍ଗଗତ ବିଶ୍ଳେଷଣ ଏବଂ ସାମାଜିକ ଅନ୍ତର୍ଭୁକ୍ତିକରଣ ଉପରେ କିଛିସ୍ତର ଆଲୋଚନା କରାଯାଇଥିଲା । ବିଶେଷ କରି ବିପର୍ଯ୍ୟୟ ସମୟରେ ଅଧିକ ପ୍ରଭାବିତ ହେଉଥିବା ଗୋଷ୍ଠୀ ଯଥା- ଗର୍ଭବତୀ ମହିଳା, ସଦ୍ୟ ପ୍ରସୂତି, ରକ୍ତହୀନତାରେ ପୀଡ଼ିତ ମାତୃଶକ୍ତି ଏବଂ କିଶୋରୀମାନଙ୍କର ସ୍ୱାସ୍ଥ୍ୟଗତ ସୂଚକାଙ୍କ ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ଏହା ସହିତ ସମାଜରେ ପ୍ରଚଳିତ ଶିଶୁ ବିବାହ, ଶିଶୁ ବୋରା ଚାଲାଣ ଏବଂ ଲିଙ୍ଗଗତ ହିଂସା ଭଳି ସାମାଜିକ ସମସ୍ୟାଗୁଡ଼ିକୁ ବିପର୍ଯ୍ୟୟ ପରିଚାଳନା ରଣନୀତିରେ ସାମିଲ କରିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କ ମଧ୍ୟରେ ମତ ବିନିମୟ ହୋଇଥିଲା । ବୈଠକରେ ଶିକ୍ଷା କ୍ଷେତ୍ରରେ କିଶୋରୀମାନଙ୍କର ବିଦ୍ୟାଳୟ ତ୍ୟାଗ ହାର ଏବଂ ସାମାଜିକ ସୁରକ୍ଷା ଅଧୀନରେ ଥିବା ଭିନ୍ନକ୍ଷମ, ବୃଦ୍ଧବୃଦ୍ଧା ଓ ତୃତୀୟ ଲିଙ୍ଗୀ ବ୍ୟକ୍ତିମାନଙ୍କର ତଥ୍ୟକୁ ସଠିକ ଭାବେ ଉପସ୍ଥାପନ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା । ବିପର୍ଯ୍ୟୟ ସମୟରେ ସ୍ଥାନାନ୍ତରଣ, ରିଲିଫ୍ ସାମଗ୍ରୀ ବଣ୍ଟନ ଏବଂ କ୍ଷୟକ୍ଷତି ଆକଳନ ପ୍ରକ୍ରିୟାରେ ଯେପରି ଅନୁସୂଚିତ ଜାତି ଓ ଜନଜାତି ଏବଂ ଅନ୍ୟାନ୍ୟ ଅବହେଳିତ ବର୍ଗ କୌଣସି ପାଚରାଅନ୍ତରର ଶିକାର ନ ହୁଅନ୍ତି, ସେଥିପାଇଁ ଏକ ସମାନତାଭିତ୍ତିକ ଆଭିମୁଖ୍ୟ ଗ୍ରହଣ କରି ସମସ୍ତଙ୍କ ଆବଶ୍ୟକତା ପୂରଣ କରିବାକୁ ଏହି କର୍ମଶାଳାରେ ବିଭିନ୍ନ ବିଭାଗୀୟ ଅଧିକାରୀମାନଙ୍କୁ ବିପର୍ଯ୍ୟୟ ପରିଚାଳନାରେ ସାମାଜିକ ସମାନତାକୁ ଅଗ୍ରାଧିକାର ଦେବା ପାଇଁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ ।

ଫାମ୍ପୁଣି ଓ ଉମୁରିରେ ଅବକାରି ଚଢ଼ାଉ

ଜୟପୁର,୧୭/୧: ଜୟପୁର ଅବକାରି ନିରିକ୍ଷକ ଓ ଅବକାରି ଥାନା ତରଫରୁ ଫାମ୍ପୁଣି ଓ ଉମୁରିରେ ମିଳିତ ଚଢଉ କରାଯାଇଛି । ଦେଶି ମଦ ଚାଲାଣ ହେବେ ଫାମ୍ପୁଣିରେ ଚଢ଼ାଉ କରି ୩ ଅଭିଯୁକ୍ତଙ୍କୁ ଗିରଫ କରି ୨୯ ଲିଟର ଦେଶୀ ମଦ ଜବତ କରିଛି । ଗିରଫ ଅଭିଯୁକ୍ତ ମାନେ ହେଲେ ଫାମ୍ପୁଣିର ଧନପତିଗୌଡ, ଗୋପାଳ ଗୌଡ ସହ ଜଣେ ମହିଳା । ଗିରଫ ଅଭିଯୁକ୍ତଙ୍କୁ ଆଜି ସଂଖ୍ୟା ୫ଟାରେ ଜାମିନ୍‌ଦାଖଲ କରାଯାଇଛି । ଦେଶୀମଦ ପ୍ରସ୍ତୁତ ସହକୁଲାରଉଖୁଥା ସୂଚନା ପାଇ ଉମୁରି ଜଙ୍ଗଲରେ ଚଢାଉ କରି ଜୟପୁର ଅବକାରି ଥାନା ଓ ନିରିକ୍ଷକ କାର୍ଯ୍ୟାଳୟ ତରଫରୁ ଚଢଉ କରାଯାଇଛି । ଚଢଉ ସୂଚନା ପାଇ ମଦ ମାଫିଆ ମାନେ ଚମ୍ପଟ ମାରିଥିବା ବେଳେ ଅବକାରି ବିଭାଗ ବହୁ ମଦ ଭାଟିଭାଙ୍ଗିବା ସହ ୨୪ ଶହ ଲିଟର ଗୋଡ ଓ ୨୨୦ ଲିଟର ଦେଶୀ ମଦ ଜବତ କରିଛି ।

ଗୋଟିଏ କୋଠରିରେ ୫ଟି ଶ୍ରେଣୀର ପାଠପଢ଼ା ଶ୍ରେଣୀଗୃହ ପୁନଃ ନିର୍ମାଣ କାର୍ଯ୍ୟ ଅଧାପନ୍ତରିଆ

ପାରଳାଖେମୁଣ୍ଡି,୧୭/୧(ନି/ପ୍ର): ଠିକାଦାରଙ୍କ ମାନମାନି ପାଇଁ କଷ୍ଟ ଭୋଗୁଛନ୍ତି ଛାତ୍ରଛାତ୍ରୀ । ବର୍ଷ ବର୍ଷ ଧରି ଅଧପନ୍ତରିଆ ଭାବରେ ପଢ଼ିଚାଲିଛି ବିଦ୍ୟାଳୟର ଛୋଟା ନିର୍ମାଣ କାର୍ଯ୍ୟ, ଛୋଟଘରେ ପାଠ ପଢୁଛନ୍ତି ଛାତ୍ରଛାତ୍ରୀ । ଗୋଟିଏ ଗୃହରେ ୫ଟି ଶ୍ରେଣୀର ଛାତ୍ରଛାତ୍ରୀ ଏବଂ ସାଙ୍ଗେ ବସି ପାଠ ପଢୁଛନ୍ତି। ଏଭଳି ସ୍ଥିତି ରହିଛି ଗୋସାଣି ବ୍ଲକ ରାମଚନ୍ଦ୍ରପୁର ପ୍ରାଥମିକ ବିଦ୍ୟାଳୟରେ । ଆଖପାଖ ଅଞ୍ଚଳର ତିନୋଟି ବିଦ୍ୟାଳୟକୁ ମିଶ୍ରଣ କରି ବିଭାଗ ଗୋଟିଏ ବିଦ୍ୟାଳୟ କରିଥିଲା । ବହୁ ପୁରୁଣା ଛୋଟ ହୋଇଥିବାରୁ ପୁନଃ ନିର୍ମାଣ ସକାଶେ ସେହି ଛୋଟାକୁ ତୁଇବର୍ଷ ତଳେ ଭାଙ୍ଗି ଦିଆଯାଇଥିଲା କିନ୍ତୁ ନିର୍ମାଣ ଦାୟିତ୍ୱ ନେଇଥିବା ଠିକାଦାର ଗୋଟିଏ ବର୍ଷ ପରେ ବି କେବଳ ପିଲର ଉଠାଇ ଛାଡ଼ି ଦେଇଛି । ଫଳରେ କୌଣସି ବ୍ୟବସ୍ଥା ନଥାଇ ଅଧ୍ୟତ୍ର ଗାଁର ଏକ ଛୋଟଘରେ ପାଠ ପଢୁଛନ୍ତି ଛାତ୍ରଛାତ୍ରୀ । ହେଲେ ସେଠି ଅବ୍ୟବସ୍ଥା ଭିତରେ ଚାଲିଛି ବିଦ୍ୟାଳୟ ନା ଅଛି ପାନୀୟଜଳ ବ୍ୟବସ୍ଥା ନା ଅଛି, ଖେଳ ପଡ଼ିଆ, ନାଁ ରହିଛି ଶୌଚାଳୟ, ମଧ୍ୟାହ୍ନ ଭୋଜନ ପାଇଁ ମଧ୍ୟ କୌଣସି ରୋଷେଇ ଘରର ବ୍ୟବସ୍ଥା ନାହିଁ , ବିଦ୍ୟୁତ ଆଲୁଅ ମଧ୍ୟ ନାହିଁ। ନାହିଁ ନାହିଁ ରେ ଚାଲିଛି ବିଦ୍ୟାଳୟ। ଅସୁୟାରୀ ଭାବରେ ବିଦ୍ୟାଳୟକୁ ଚଳାଇବା ନିଷ୍ପତ୍ତି ନେଇ କର୍ତ୍ତୃପକ୍ଷ ସେଠାକୁ ସ୍ଥାନାନ୍ତର କରିଥିଲେ ମଧ୍ୟ ଆଦୁସାଙ୍ଗିକ ବ୍ୟବସ୍ଥା ନଥାଇ ବର୍ଷ ବର୍ଷ ହେଲା ଅବ୍ୟବସ୍ଥା ମଧ୍ୟରେ ଚାଲିଛି ବିଦ୍ୟାଳୟ । ଗୋଟିଏ ଛୋଟଘରେ, ଗୋଦାମ ଭଳି ମଧ୍ୟାହ୍ନ ଭୋଜନ ରୋଷେଇ ସାମଗ୍ରୀ, ବିଦ୍ୟାଳୟର ଆସବାବପତ୍ର, ଆଲମାରି ସହ ପାଠପଢ଼ା ସବୁକିଛି ଗୋଟିଏ ଛୋଟରିରେ । ବାରମ୍ବାର ଏନେଇ ବ୍ଲକ ଉନ୍ନୟନ ଅଧିକାରୀ ଓ ଶିକ୍ଷା ବିଭାଗକୁ ଗ୍ରାମବାସୀ ଓ ଶିକ୍ଷକଙ୍କ ପକ୍ଷରୁ ସମସ୍ୟା ସମ୍ପର୍କରେ ଅବଗତ କରାଯାଉଥିଲେ ମଧ୍ୟ କୌଣସି ସୁଫଳ ମିଳିନଥିବା କହିଛନ୍ତି ଗ୍ରାମବାସୀ । ଫଳରେ ଶିକ୍ଷାବାନରେ ବାଧା ସୃଷ୍ଟି ହେବା ସହ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ଛାତ୍ରଛାତ୍ରୀ ଓ ଶିକ୍ଷକ । ଯନ୍ତ୍ରୀ ଓ ଠିକାଦାରଙ୍କ ମଧ୍ୟରେ ମନୋମାଳିନ୍ୟ ଯୋଗୁଁ ନିର୍ମାଣ କାର୍ଯ୍ୟ ଅଟକି ରହିଥିବା କହିଛନ୍ତି ଗ୍ରାମବାସୀ । ତେବେ ଏଣେ ଘୋଷଣୀ ବ୍ଲକ ଶିକ୍ଷାଧିକାରୀ ସୀତାରାମ ପାତ୍ର ଏସମ୍ପର୍କରେ ସୂଚନା ପାଇ ବିଦ୍ୟାଳୟ ଗସ୍ତ କରିଥିଲେ । ସମସ୍ୟା ସମ୍ପର୍କରେ ବ୍ଲକ ଉନ୍ନୟନ ଅଧିକାରୀଙ୍କ ସହ ଆଲୋଚନା କରାଯାଇଛି । ଯଥା ଶୀଘ୍ର ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି।

ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳା-୨୦୨୬ ଉଦ୍‌ଘାଟିତ

ବଲାଙ୍ଗୀର, ୧୭/୧(ନି/ପ୍ର): ରାଜ୍ୟ ସରକାରଙ୍କ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ ପାଟଣାଗଡ଼ କୁଲୁରମୁଣ୍ଡା ଉଚ୍ଚ ବିଦ୍ୟାଳୟ ପଡ଼ିଆରେ ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳା-୨୦୨୬ ଉଦ୍‌ଘାଟିତ ହୋଇଯାଇଛି । ଉପମୁଖ୍ୟମନ୍ତ୍ରୀ ଜନକ ବର୍ଦ୍ଧନ ସିଂହ ଦେଓ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ମେଳାକୁ ଉଦ୍‌ଘାଟନ କରିଥିଲେ । ବଲାଙ୍ଗୀର ଜିଲ୍ଲାର ଚାଷୀ ଭାଇ ଓ ଭଉଣୀ ଏହି ମେଳାର ସୁଯୋଗ ନେବା ସହ ରିହାତି ମୂଲ୍ୟରେ କୃଷି ଯନ୍ତ୍ରପାତି କିଣିପାରିବେ ବୋଲି କହିଥିଲେ । ଚାଷୀଙ୍କୁ ଜୈବିକ ପଦ୍ଧତିରେ ଚାଷ କରିବାକୁ ପରାମର୍ଶ ଦେଇ ଉପମୁଖ୍ୟମନ୍ତ୍ରୀ କହିଥିଲେ, ରସାୟନିକ ସାର ପ୍ରୟୋଗ ଦ୍ୱାରା ଉତ୍ପାଦିତ ଶସ୍ୟ ଆମ ଶରୀରରେ କୁପ୍ରଭାବ ପକାଉଛି । ଏମିତି କି କ୍ୟାନ୍ସର ଭଳି ମାରାତ୍ମକ ରୋଗ ମଧ୍ୟ ବୃଦ୍ଧି କରୁଛି । ତେଣୁ ଏହାକୁ ରୋକିବା ପାଇଁ ଜୈବିକ ସାର ବ୍ୟବହାର କରିବା ନିହାତି ଆବଶ୍ୟକ । ଜୈବିକ ପଦ୍ଧତିରେ ଚାଷ କରିବା ଦ୍ୱାରା ମାଟିର ଉର୍ବରତା ବଢିବ ଏବଂ ଆମେ ରୋଗମୁକ୍ତ ମଧ୍ୟ ବଢି ପାରିବା । ଏହି କାର୍ଯ୍ୟକ୍ରମରେ ସଂଶ୍ଳାଳିତ ଅତିଥି ଭାବେ ଜିଲ୍ଲାପାଳ ଗୌରବଶ୍ରୀ ଶିଖ୍ରାଜୀ ଉସଲଖ୍ରାଜ, ଉପଜିଲ୍ଲାପାଳ ସୁନୀଲ କୁମାର ମେହେର, ଅଧ୍ୟକ୍ଷଣ ଯନ୍ତ୍ରୀ, କୃଷି ବିଭାଗ, ସମ୍ବଲପୁର, ନରେନ୍ଦ୍ର କୁମାର ପଣ୍ଡା, ଜିଲ୍ଲା କୃଷି ଅଧିକାରୀ ଧୀରେନ୍ଦ୍ର କୁମାର ଝି ବରିହା ଯୋଗଦେଇଥିଲେ । ଏହି ମେଳା କୃଷକଙ୍କ ପାଇଁ ଏକ ଅପୂର୍ବ ସୁଯୋଗ ସୃଷ୍ଟି କରିଥିବାବେଳେ କୃଷି ଯନ୍ତ୍ରପାତି କ୍ରୟ ପାଇଁ ସରକାରଙ୍କ ପକ୍ଷରୁ ଦିଆଯାଉଥିବା ରିହାତିର ଲାଭ ଉଠାଇ ପାରିବେ, କୃଷକ ଆଧୁନିକ ପ୍ରଣାଳୀରେ କୃଷି କାର୍ଯ୍ୟ ପାଇଁ ଅତ୍ୟାଧୁନିକ ଯନ୍ତ୍ରପାତି ବ୍ୟବହାର ଦ୍ୱାରା ସ୍ୱଳ୍ପ ମୂଲ୍ୟ ଓ ସ୍ୱଳ୍ପ ସମୟରେ ଅଧିକ ଲାଭ ହାସଲ କରିପାରିବେ ଓ ଚାଷ ଜମିରେ ରସାୟନିକ ସାର ପରିବର୍ତ୍ତେ ଜୈବିକ ସାର ପ୍ରୟୋଗ କରନ୍ତୁ ବୋଲି ଉପସ୍ଥିତ ଅତିଥିଗଣ ମତବ୍ୟକ୍ତ କରିଥିଲେ । ସର୍ବପୁରାତନ ଚାଷ ଜାମରେ ଚାଷୀମାନଙ୍କ ଦ୍ୱାରା ବ୍ୟବହୃତ ଯନ୍ତ୍ରଗୁଡ଼ିକ ଙ୍ଗପ୍ରଦ କରି ଜିଲ୍ଲା ମୁଖ୍ୟାଳୟରେ ଏକ ସଂଗ୍ରହାଳୟ ଖୋଲିବା ନେଇ ଜିଲ୍ଲାପାଳଙ୍କୁ ମୁଖ୍ୟ ଅତିଥି ପରାମର୍ଶ ଦେଇଥିଲେ । ଏହି ମେଳାରେ କୃଷି ବିଭାଗ ପକ୍ଷରୁ ୧୦ଟି ଏବଂ କୃଷି ଯନ୍ତ୍ରପାତି ବିଭାଗ ପକ୍ଷରୁ ୨୫ଟି ଷ୍ଟଲ ଖୋଲାଯାଇଛି । ଉକ୍ତ କାର୍ଯ୍ୟକ୍ରମ ଆସନ୍ତା ୧୮ ତାରିଖ ଯାଏଁ ଚାଲିବ। ଆଜିର ଏହି କାର୍ଯ୍ୟକ୍ରମରେ ସମ୍ପର୍କ ଚାଷୀ ମାନଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା । ଚାଷୀ ଜାକିଆ ସାହୁଏବଂ ମୁନି ହେର୍ନା ରିହାତି ମୂଲ୍ୟରେ ଗୋଟିଏ ଲେଖାଏଁ ଟ୍ରାକ୍ଟର କ୍ରୟ କରିଥିଲେ । ଏହି କାର୍ଯ୍ୟକ୍ରମରେ କୃଷି ବିଭାଗର ନିର୍ଦ୍ଦାହୀ ଯନ୍ତ୍ରୀ ଙ୍କ. ଲସ ମୁର୍ମୁଙ୍କ ସହ ଅନ୍ୟ ଅଧିକାରୀ ଏବଂ କର୍ମଚାରୀ ବୃନ୍ଦ ଉପସ୍ଥିତ ଥିଲେ ।

ବିଭିନ୍ନ ସ୍ଥାନରେ ବେଆଇନ୍ ଗୋ ମାଫିଆଙ୍କ ଘରେ ଚଢ଼ାଉ

ରାଉରକେଲା,୧୭/୧(ନି/ପ୍ର): ଜେନ୍ଦୁଝର ପୁଲିସର ଏକାଧିକ ବଳ ୪ଟି ସ୍ଥାନରେ ବେଆଇନ ଗୋରୁ ବ୍ୟବସାୟୀଙ୍କ ବାସଭବନରେ ସମନ୍ୱିତ ଚଢ଼ାଉ କରୁଥିବା ବେଳେ ଏହି ଅଭିଯାନରେ ଜେନ୍ଦୁଝର, ଭଦ୍ରକ, ଯାଜପୁର ଓ ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ସ୍ଥାନରେ ଚଢ଼ାଉ କରୁଛନ୍ତି । ମୟୂରଭଞ୍ଜ ଜିଲ୍ଲାର ରାଉରକେଲାପୁର ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ଚେଟୋପୋଷି ଓ କେନ୍ଦ୍ରେଇ ଗ୍ରାମରେ ଚଢ଼ାଉ ଜାରି ରଖିଥିବା ବେଳେ ସେହିପରି ବିଶୋଇ, କରଞ୍ଜିଆ,ଝାରପୋଖରିଆ, ତଳେଭୋଳ ପ୍ରଭୃତି ଅଞ୍ଚଳରେ ମଧ୍ୟ ଗୋ ମାଫିଆଙ୍କ ଘର ଓ ବୋଥାନରେ ସ୍ଥାନୀୟ ପୁଲିସ ସହାୟତାରେ ଚଢ଼ାଉ ଜାରି ରଖୁଛି । ତେବେ ଚଢ଼ାଉ ସମୟରେ ନଗଦ ଲକ୍ଷ ଲକ୍ଷ ଟଙ୍କା ସହିତ ସୁନା ଗହଣା ଜବତ କରାଯାଇଥିବା ସୂଚନା ମିଳିଛି । ଭଦ୍ରକ ପୁରୁଣା ବଜାର ଥାନା ଅନ୍ତର୍ଗତ ମୁଲ୍ଲା ସାହିର ଗୋ ମାଫିଆ ଶେଖ୍ ରାଜନ ଘରେ ଜେନ୍ଦୁଝର ଓ ଭଦ୍ରକ ପୁଲିସର ମିଳିତ ଚଢ଼ାଉ । ଘରୁ ଜବତ ହେଲା ନଗଦ ୭୦ ଲକ୍ଷ ଟଙ୍କା ଓ ବିପୁଳ ପରିମାଣର ସୁନା । ଗୋ ମାଫିଆ ଶେଖ୍ ରାଜନଙ୍କୁ ଥାନାରେ ଅଟକ ରଖି ପୁଲିସର ପରାଉଚରା । ଶେଖ୍ ରାଜନଙ୍କୁ ଓଡ଼ିଶାର ସବୁଠାରୁ ବଡ଼ ଗୋ ମାଫିଆ ବୋଲି କୁହାଯାଉଛି । ତା କରିଆରେ ପଶ୍ଚିମବଙ୍ଗରୁ ଗୋ ଚାଲାଣ ହୋଇଥାଏ । ଭଦ୍ରକର ପୁରୁଣା ବଜାର ଅଞ୍ଚଳର ଗୋ ମାଫିଆ ଶେଖ୍ ରାଜନ ଘରେ ଚଢ଼ାଉ । ନଗଦ ୭୦ ଲକ୍ଷ ଟଙ୍କା ଜବତ । ଭଦ୍ରକ ଓ ଜେନ୍ଦୁଝର ପୁଲିସର ମିଳିତ ଚଢ଼ାଉ ହୋଇଥିଲା । ସବକାଲି ବିକଳିତ ରାତିରେ ଏହି ଚଢ଼ାଉ ଆରମ୍ଭ କରାଯାଇଥିଲା । ଭଦ୍ରକ ପୁରୁଣା ବଜାର ଅଞ୍ଚଳର ମୁଲ୍ଲା ସାହିରେ ରହୁଥିବା ରାଜନର ଘର ଉପରେ ଅଚାନକ ପୁଲିସ ଚଢ଼ାଉ କରିଥିଲା । ଭଦ୍ରକ ଅଞ୍ଚଳର ଏହି ଗୋରୁ ମାଫିଆର ଚୋରା ଗୋ ଚାଲାଣ ଚେର ସାରା ଓଡ଼ିଶା ଭିତରେ ରହୁଥିବା ବେ

ନାହିଁ ନାହିଁରେ ଚାଲିଛି ସମନ୍ୱିତ ଉନ୍ନୟନ ସଂସ୍ଥା ପାନପୋଷ

ଆଇଟିଡିଏରେ ଅଧିକାରୀଙ୍କ ଅନୁପସ୍ଥିତି ଓ ସରକାରୀ କାର୍ଯ୍ୟରେ ଘରୋଇ ଲୋକଙ୍କ ପ୍ରବେଶରେ ବିଧାୟକଙ୍କ ଅସନ୍ତୋଷ ପ୍ରକାଶ

ରାଉରକେଲା,୧୭/୧(ନି/ପ୍ର): ସରକାରୀ କାର୍ଯ୍ୟାଳୟରେ ସରକାରୀ କାର୍ଯ୍ୟ ଘରୋଇ ଲୋକଙ୍କ ଦ୍ୱାରା କରାଯାଉଥିବା ସହ ପାନପୋଷ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାରେ ପ୍ରକଳ୍ପ ଅଧିକାରୀ କାର୍ଯ୍ୟାଳୟରେ ଠିକ୍ ସମୟରେ ପହଞ୍ଚି ନଥିବା ଯୋଗୁଁ ରଘୁନାଥପାଲ୍ଲୀ ବିଧାୟକ ଦୁର୍ଗା ଚରଣ ତନ୍ତୀ ଖସ୍ତା ହୋଇଛନ୍ତି। ଘଟଣାରୁ ପ୍ରକାଶ ଯେ, ଗତ ଗୁରୁବାର ଦିନ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା (ଆଇ.ଟି.ଡି.ଏ.), ପାନପୋଷ କାର୍ଯ୍ୟାଳୟରେ ପହଞ୍ଚି ଥିଲେ ରଘୁନାଥପାଲ୍ଲୀ ବିଧାୟକ ଦୁର୍ଗା ଚରଣ ତନ୍ତୀ । ଆଇ.ଟି.ଡି.ଏ. କାର୍ଯ୍ୟାଳୟରେ ପହଞ୍ଚି ବିଧାୟକ ଦୁର୍ଗା ଚରଣ ତନ୍ତୀ ଦେଖିବାରେ ଯେ, କାର୍ଯ୍ୟାଳୟରେ ପ୍ରକଳ୍ପ ଅଧିକାରୀ ପହଞ୍ଚି ନାହାଁନ୍ତି ଏବଂ ତାଙ୍କ କାର୍ଯ୍ୟାଳୟରେ କିଛି ବାହାରର ଲୋକ ପଶି ସରକାରୀ କାଗଜପତ୍ରରେ କାର୍ଯ୍ୟ କରୁଥିବା ଅବଗତ ହୋଇଥିଲେ । ଏଥିରେ ବିଧାୟକ ଶ୍ରୀ ତନ୍ତୀ ବିରକ୍ତି ପ୍ରକାଶ କରିବା ସହ ପ୍ରକଳ୍ପ ଅଧିକାରୀଙ୍କୁ ନିଜ ମୋବାଇଲରେ ଫୋନ୍ କରିଥିଲେ । ଆଇ.ଟି.ଡି.ଏ ପ୍ରକଳ୍ପ ଅଧିକାରୀ ଶ୍ରୀମତୀ ଜିସପଟା ନିଜ ଘରେ ଥାଇ ବିଧାୟକଙ୍କ ଫୋନ୍ କଲ୍ ଉଠାଇ କହିଥିଲେ ଯେ, କାର୍ଯ୍ୟାଳୟରେ କର୍ମଚାରୀ ନଥିବା ଯୋଗୁଁ, ସେ ରାତି ପର୍ଯ୍ୟନ୍ତ ଫାଇଲ କାର୍ଯ୍ୟ କରୁଥିବା ଯୋଗୁଁ ବିଳମ୍ବ ହୋଇଗଲା । ବିଧାୟକ ଶ୍ରୀ ତନ୍ତୀ ତାଙ୍କୁ ପଚାରିଥିଲେ ଯେ, ଅଫିସରେ ବାହାର ଲୋକ ପଶି କଣ ସରକାରୀ କାର୍ଯ୍ୟ କରୁଛନ୍ତି । ଆଇ.ଟି.ଡି.ଏ ଅଧିକାରୀ ଶ୍ରୀମତୀ ଜିସପଟା ଏହାର ଉତ୍ତରରେ କହିଥିଲେ ଯେ କିଛି କିଛି ବାହି ରହିଥିଲା, ତେଣୁ କେତେ ଲୋକଙ୍କୁ ଡାକି ସେ କାର୍ଯ୍ୟ କରାଉଛନ୍ତି । ବିଧାୟକ ଶ୍ରୀ ତନ୍ତୀ କହିଥିଲେ ଯେ ଏ ବିଷୟରେ କଲେକ୍ଟରଙ୍କ ନିଜସ୍ୱ ସରକାରୀ କାର୍ଯ୍ୟ, ବାହାର ଲୋକ କରିବା ପାଇଁ ପରମିସନ୍ ନେଇଥିଲା । ଆଇ.ଟି.ଡି.ଏ ଅଧିକାରୀ ଏ ବିଷୟରେ କୌଣସି ସଠିକ ଉତ୍ତର ଦେବପାରିନଥିଲେ । ରଘୁନାଥପାଲ୍ଲୀ ବିଧାୟକଙ୍କ ଅଚାନକ ପରିଦର୍ଶନ ଯୋଗୁଁ ଆଇ.ଟି.ଡି.ଏ. ପାନପୋଷର ବାସ୍ତବ ଚିତ୍ର ପ୍ରକାଶ ପାଇବା ସହିତ ସରକାରୀ କାର୍ଯ୍ୟାଳୟରେ, ସରକାରୀ କାର୍ଯ୍ୟ କିପରି ଚାଲିଛି ତାହାର ଏକ ବାସ୍ତବ ଚିତ୍ର ସହିତ କାର୍ଯ୍ୟାଳୟରେ କର୍ମଚାରୀଙ୍କ ଅଭାବ ଏବଂ ବାହାର ଲୋକଙ୍କ ପ୍ରବେଶ ଜଣାପଡିଛି । ଏହାଦ୍ୱାରା ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାରେ ଲୋକଙ୍କ ବିଶ୍ୱାସ କିପରି ହୋଇପାରିବ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି ।

ଆତ୍ମରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ରାଉରକେଲା,୧୭/୧(ନି/ପ୍ର): ବିରମିତ୍ରପୁର ସ୍ଥିତ ଶ୍ରମଶକ୍ତି ମହାବିଦ୍ୟାଳୟରେ ନାରୀ ସୁରକ୍ଷା ସମ୍ପର୍କୀତ ସଚେତନତା ଓ ଆତ୍ମରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଅଧକ୍ଷ ସଞ୍ଜୟ କୁମାର ସିଂହ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବା ଏହି କାର୍ଯ୍ୟକ୍ରମରେ ବିରମିତ୍ରପୁର ବନ ବିଭାଗର ବନାଙ୍ଚଳ ଅଧିକାରୀ ସୁବେଷୀ ଶୁଭଦର୍ଶିନୀ ଅତିଥି ଭାବେ ଯୋଗଦେବ ମହିଳା ସୁରକ୍ଷା, ଆତ୍ମରକ୍ଷା କୌଶଳ ଇତ୍ୟାଦି ବିଷୟରେ ଆଲୋଚନା କରିବା ସହ ସଚେତନତା ତଥା ଏହି କାର୍ଯ୍ୟକ୍ରମରେ ଅଧିକରୁ ଅଧିକ ଛାତ୍ରୀମାନେ ଯୋଗଦେବ ଏହି କୌଶଳକୁ ଆପଣାଇବା ପାଇଁ ଆହ୍ୱାନ ଦେଇଥିଲେ । ଅଧକ୍ଷ ଶ୍ରୀ ସିଂହ ତାଙ୍କ ବକ୍ତବ୍ୟରେ ଛାତ୍ରୀମାନଙ୍କ ଆତ୍ମରକ୍ଷା କୌଶଳ ଓ ସଚେତନତା ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି କାର୍ଯ୍ୟକ୍ରମରେ ପ୍ରାୟ ୭୦ ଜଣ ଛାତ୍ରୀ ଅଂଶଗ୍ରହଣ କରିଥିବାବେଳେ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ ଆତ୍ମରକ୍ଷା ପ୍ରଶିକ୍ଷଣର ପରିଚାଳକି ବାୟିତ୍ୱ ନିର୍ବାହ କରୁଥିବା ଅଧାପିକା ରେଣୁ ଅଞ୍ଜଳି କିରୋ । ଏହି ଅବସରରେ ଛାତ୍ରୀ ଆଶା ମାଝିଙ୍କୁ ପ୍ରଶିକ୍ଷକ ଭାବେ ଘୋଷଣା କରାଯାଥିଲା । ଶେଷରେ ଅଧାପିକା ସୁପ୍ତଲା ଧଳ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟାପକ ଅଧ୍ୟାପିକାମାନେ ଯୋଗଦେଇଥିଲେ ।

ଝିରପାଣିଠାରେ ଟୁସୁ ମିଳନ

ରାଉରକେଲା,୧୭/୧(ନି/ପ୍ର): ଝିରପାଣି ମଜର ମିଳନ କମିଟି ତରଫରୁ ୨୪ ତମ ଟୁସୁ ମିଳନ ଷ୍ଟାଇଏସି ପଡିଆ ଠାରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । କମିଟିର ସଭାପତି ହାଲୁ ମୁଣ୍ଡାରୀଙ୍କ ସଭାପତିତ୍ୱ, ସମ୍ପାଦକ ନିଳାମ୍ବର ମୁଣ୍ଡାରୀଙ୍କ ଆବାହକତ୍ୱ ତଥା ଗଙ୍ଗାଧର ବୀରଙ୍କ ମଂଚ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଙ୍ଗଂଗ୍ରେସ ର ପ୍ରାକ୍ତନ ସଭାପତି ବିରେନ୍ଦ୍ର ନାରାୟଣ ପଟ୍ଟନାୟକ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ବିଧାୟକ ତଥା ଜିଲ୍ଲା ପରିଷଦ ସଭ୍ୟ ହାଲୁ ମୁଣ୍ଡାରୀ, ସମିତି ସଭ୍ୟା ପ୍ରତିମା ପାତ୍ର, ସରପଂଚ ଅଜିତ ତିର୍କି, ସମାଜସେବୀ ଗୌରୀ ଲୁମ୍ବାର, ରାମଚନ୍ଦ୍ର ଖାଡିଆ,ମଙ୍ଗଲୁ ଖାଡିଆ ପ୍ରମୁଖ ଯୋଗଦେଇ ଦେବୀ ପୁରୁଷଙ୍କ ଜୀବନୀ ଓ ତାଙ୍କର ଆଦର୍ଶ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ମୁଖ୍ୟଅତିଥି ଶ୍ରୀ ପଟ୍ଟନାୟକ ଟୁସୁଙ୍କ ଆଶିର୍ବାଦ କାମନା କରି ଭାଇଚାରା, ସୌହାର୍ଦ୍ଦପୂର୍ଣ୍ଣ ବାତାବରଣ ଉପରେ ଗୁରୁତ୍ୱାରୋପ କରିଥିଲେ । ଅନ୍ୟ ଅତିଥି ମାନେ ସଂସ୍କୃତି ଓ ପରମ୍ପରା କୁ ବଜାଇରଖିବା ପାଇଁ ଏଭଳି କାର୍ଯ୍ୟକ୍ରମର ଆବଶ୍ୟକତା ଉପରେ ମତ ରଖିଥିଲେ । ଏହି ଅବସରରେ ଜିଲ୍ଲାର ବିଭିନ୍ନ ସ୍ଥାନରୁ ଆସିଥିବା ୯ ଟି ଟୁସୁ ଦେବୀଙ୍କ ମେଲଣରେ ସହସ୍ରାଧିକ ଜନସମାଗମ ହୋଇଥିଲା । ସେହିପରି ବିଭିନ୍ନ ଦଳ ପକ୍ଷରୁ ନୃତ୍ୟ ଗୀତ ପରିବେଷଣ କରାଯାଇ କୃତିତ୍ୱ ହାସଲ କରିଥିବା ଦଳଙ୍କୁ ପୁରସ୍କୃତ କରାଯାଇଥିଲା । କାର୍ଯ୍ୟକ୍ରମ ପରିଚାଳନାରେ ସର୍ବଶ୍ରୀ ଗଣେଶ ଲୋହାର,ଅମିତ ବାରା, ଅଜୟ ଖାଲଖୋ, ରାକେଶ ଖାଡିଆ, ନବୀନ ମୁଣ୍ଡାରୀ, ଚନ୍ଦ୍ରଖାଡିଆ ପ୍ରମୁଖ ସହଯୋଗ କରିଥିଲେ । ଶେଷରେ ମେଲୋଡି କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

ଜିଲ୍ଲାସ୍ତରୀୟ ଏକତା ପଦଯାତ୍ରା ଅନୁଷ୍ଠିତ

ଖୋର୍ଦ୍ଧା,୧୭/୧: ଜିଲ୍ଲା ସ୍ତରୀୟ ବିଶାଳ ଏକତା ପଦଯାତ୍ରା ଶୁକ୍ରବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଆରମ୍ଭ ହୋଇ ପୌର ପରିଷଦ ଜୟୀ ରାଜଗୁରୁ ଟାଉନ୍ ହଲ୍ ପର୍ଯ୍ୟନ୍ତ ଦେଶପ୍ରେମ ସଙ୍ଗୀତ ବାଦନରେ ପଙ୍ଗଡିଥିଲା । ରାଜ୍ୟ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ ଓ ଜିଲ୍ଲା ପ୍ରଶାସନ ମିଳିତ ଆନୁକୂଲ୍ୟରେ ଏବଂ ଜିଲ୍ଲା କ୍ରୀଡ଼ା ଅଧିକାରୀ ଗୀତାଞ୍ଜଳି ପଣ୍ଡାଙ୍କ ପରିଚାଳନାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ଏହି ଏକତା ପଦଯାତ୍ରାକୁ ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ପ୍ରତାପ ଚନ୍ଦ୍ର ବେଉରା ସବୁଜ ପତାକା ଦେଖାଇ ପଦଯାତ୍ରାର ଶୁଭାରମ୍ଭ କରିଥିଲେ । ସମ୍ମାନିତ ଅତିଥି ଭାବେ ବ୍ଲକ୍ ଉନ୍ନୟନ ଅଧିକାରୀ, କ୍ଷୀରାଦ୍ରୀ ତନୟା ସାହୁ, ଚେପୁଟୀ କଲେକ୍ଟର, ଜଗୁରୀ, ଶ୍ରୀତପା ମିଶ୍ର, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଲକ୍ଷ୍ମୀ କୁମାର ଦେହେରା, ଜିଲ୍ଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ, ବିଜେବି ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବିଭୁ ପ୍ରସାଦ ସେନାପତି, ବିଜେବି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଉଚ୍ଚ ବିଦ୍ୟାଳୟ ଶିକ୍ଷକ ଶିକ୍ଷୟତ୍ରୀ, ଛାତ୍ରାବିତ, ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ପଦଯାତ୍ରାରେ ଯୋଗଦେଇ ଆନନ୍ଦ ଉଲ୍ଲାସ ସହକାରେ ଜୟୀ ରାଜଗୁରୁ ଟାଉନ୍ ହଲ୍ ଠାରେ ପହଂଚି ଥିଲେ । ଜୟୀ ରାଜଗୁରୁ ଟାଉନ୍ ହଲ୍ ଠାରେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ ବର୍ଷ ଜନ୍ମ ଜୟନ୍ତୀ ପୂର୍ବି ଉପଲକ୍ଷେ ଯୁବକ ଯୁବତୀ ମାନଙ୍କୁ ଏକତା ମନ୍ତ୍ରରେ ଅଭିମନ୍ତ୍ରିତ କରି ସର୍ଦ୍ଦାରଙ୍କ ଜୀବନାଦର୍ଶରେ ଅନୁପ୍ରାଣିତ ହେବା ଉପଲକ୍ଷେ ଯୁବ ଉତ୍ସବ ଆୟୋଜିତ କରାଯାଇଥିଲା । ଉକ୍ତ ସମାରୋହକୁ ଅତିରିକ୍ତ ଜିଲ୍ଲାପାଳ(ପ୍ରଶାସନ) ପ୍ରତାପ ଚନ୍ଦ୍ର ବେଉରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ରୀଜଗନ୍ନାଥଙ୍କ ବିଗ୍ରହ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍ଘାଟନ କରି ନିଜ ଅଭିଭାଷଣରେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ଜଣେ ମହାନ ରାଷ୍ଟ୍ର ନାୟକ ଥିଲେ, ଭାରତର ବିଖଣ୍ଡିତ ଭୂଖଣ୍ଡକୁ ଏକତ୍ରିତ କରି ଅଖଣ୍ଡ ଭାରତ ନିର୍ମାଣରେ ତାଙ୍କର ଯେଉଁ ନିଃସ୍ୱାର୍ଥପର ତ୍ୟାଗ ରହିଛି ତାହା ତାଙ୍କୁ ଚିର ସ୍ମରଣୀୟ କରି ରଖିବ ବୋଲି ପ୍ରକାଶ କରିଥିଲେ କ୍ଷ ଜିଲ୍ଲା କ୍ରୀଡା ଅଧିକାରୀ ଗୀତାଞ୍ଜଳି ପଣ୍ଡାଙ୍କ ପୋରହିତ୍ୟରେ ଅନୁଷ୍ଠିତ ସାଧାରଣ ସଭାରେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ସୂଚନା ଓ ଲୋକସଂପର୍କ

ସ୍ୱଦେଶୀ ଭାବନାର ଜାଗରଣ ନିମନ୍ତେ ସ୍ୱଦେଶୀ ସଂକଳ୍ପ ଯାତ୍ରା ରାଉରକେଲା ଅଭିମୁଖେ

ରାଉରକେଲା,୧୭/୧(ନି/ପ୍ର): ସମସ୍ତ ଦେଶରେ ସ୍ୱଦେଶୀ ଭାବନାର ଜାଗରଣ ନିମନ୍ତେ ଦେଶର କନ୍ୟାକୁମାରୀ ଠାରୁ କାଶ୍ମୀର ପର୍ଯ୍ୟନ୍ତ ସ୍ୱଦେଶୀ ସଂକଳ୍ପ ଯାତ୍ରା ବିଭିନ୍ନ ରାଜ୍ୟ ଦେଇ ଗତି କରୁଛି । ଆମ ରାଜ୍ୟ ଓଡିଶାରେ ପୂର୍ବ ପ୍ରାନ୍ତର ଯାତ୍ରା ଶ୍ରୀକ୍ଷେତ୍ର ପୁରୀ ସହିତ ପଶ୍ଚିମ ପ୍ରାନ୍ତର ଯାତ୍ରା ଶାବରୀ ଶ୍ରୀକ୍ଷେତ୍ର କୋରାପୁଟରୁ ୨୦୨୬ ଜାନୁଆରୀ ୧୨ ତାରିଖ ବିବେକାନନ୍ଦ ଜୟନ୍ତୀ ଠାରୁ ଆରମ୍ଭ ହୋଇଛି । ଓଡିଶାର ପଶ୍ଚିମ ପ୍ରାନ୍ତର ଯାତ୍ରା ଚଳିତ ଜାନୁଆରୀ ୧୭ ତାରିଖ ଶନିବାର ଦିନ ଜିଲ୍ଲାର ବଣେଇଁ ଠାରେ ସକାଳ ୯ଟା ସମୟରେ ପ୍ରବେଶ କରିବ ବୋଲି ସ୍ୱଦେଶୀ ଜାଗରଣ ମଂଚ ରାଉରକେଲା ପକ୍ଷରୁ ସୂଚନା ଦିଆଯାଇଛି । ବଣେଇଁ, ଲହୁମୀପଡା, ରାଜାମୁଣ୍ଡା, ଲାଠିକେଟା ଏବଂ ସାର ନଗରୀ ଠାରେ ପଥପ୍ରାନ୍ତ ସଭା କରିବା ପରେ ଅପରାହ୍ନ ୩ଟା ସମୟରେ ପାନପୋଷରେ ପ୍ରବେଶ କରିବ । ସନ୍ଧ୍ୟା ୫ଟା ସମୟରେ ବିର୍ଦ୍ଦା ଛକ ଠାରେ ଏହି ସ୍ୱଦେଶୀ ସଂକଳ୍ପ ଯାତ୍ରାକୁ ସ୍ୱାଗତ କରିଯିବ । ସନ୍ଧ୍ୟା ୭ଟା ସମୟରେ ସେକ୍ଟର-୬ ସ୍ଥିତ ଶିଶୁ ମନ୍ଦିର ଠାରେ ସାମ୍ପ୍ରତିକ ପରିସ୍ଥିତିରେ ସ୍ୱଦେଶୀ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହେବ । ଏହି ଆଲୋଚନାଚକ୍ରରେ ସ୍ୱଦେଶୀ ଜାଗରଣ ମଂଚର ରାଷ୍ଟ୍ରୀୟ ସର୍ଦ୍ଦାର୍ଯ୍ୟ ବାହିନୀର ପ୍ରମୁଖ ଙ୍କ ଅନୁଦା ଶଙ୍କର ପାଣିଗ୍ରାହୀ, ସର୍ବଭାରତୀୟ ବ୍ୟବସାୟୀ ମହାସଂଘର ସଭାପତି ତ୍ରିଜମୋହନ ଅଗ୍ରୱାଲ, ମନୋଜ ନାୟକ ନିବେଦନ କରିଛନ୍ତି।

ଘଟେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଜାତୀୟ ଯୁବ ଦିବସ ପାଳିତ

ଭଉଡ଼,୧୭/୧(ନି/ପ୍ର): ଭଉଡ଼ ଜିଲ୍ଲା ଘଟେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଜାତୀୟ ଯୁବ ଦିବସ ରେଡ଼ିକ୍ରସ ଓ ଜାତୀୟ ସେବାସଂସ୍ଥାର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଥିଲା । ଜାଇନସିଲର ରାଜକିଶୋର ଦାଶଙ୍କ ତତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଅଧକ୍ଷ ପ୍ରାଧାପକ ନିରଞ୍ଜନ ନାୟକ ସଭାପତିତ୍ୱ ଓ ଅଧାପିକା ସଂଘମିତ୍ରା ଭାରତୀଙ୍କ ସଂଯୋଜନାରେ ଏକ ସଭା ଅନୁଷ୍ଠିତ ହୋଇଥିଲା ।ଏଥିରେ ମୁଖ୍ୟଅତିଥିଭାବେ ଅପର୍ତି ଚରଣ ଉଚ୍ଚ ଙ୍ଗରାଜୀ ବିଦ୍ୟାଳୟର ଆଂଚଳିକ ସାଧନ କେନ୍ଦ୍ର ସଂଯୋଜକ ସୁଧିଷ୍ଠିର ମହାଳିକ,ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ଅଧକ୍ଷ ପ୍ରାଧାପକ ଗୋପାଳ ପ୍ରସାଦ ମହାପାତ୍ର,ସମ୍ମାନିତ ଅତିଥିଭାବେ ପ୍ରାକ୍ତନ ଅଧକ୍ଷ ରମାକାନ୍ତ ପାଣିଗ୍ରାହୀ,

ସୁନ୍ଦରଗଡରେ ବୁଲ ଗୋଷ୍ଠୀ ମୁହାଁମୁହିଁ, ୬ ଗିରଫ

ସୁନ୍ଦରଗଡ,୧୭/୧(ନି/ପ୍ର): ସୁନ୍ଦରଗଡର ରିଜେଙ୍ଟ ମାର୍କେଟରେ ବୁଲ ଗୋଷ୍ଠୀ ମୁହାଁମୁହିଁ । ଘଟଣାରେ ଟାଉନ ଥାନା ପୁଲିସ ୬ ଜଣଙ୍କୁ ଗିରଫ କରି ଆଜି କୋର୍ଟ ଚାଲାଣ କରିଛି । ଗତକାଲି ରାତିରେ ସୂତନ୍ତ୍ର ପୁଲିସ ଟିମ୍ ସୁନ୍ଦରଗଡର ବିଭିନ୍ନ ସ୍ଥାନରେ ତଦାଉ କରି ୬ ଜଣଙ୍କୁ ଗିରଫ କରିଥିଲା । ଏହି ଘଟଣାରେ ସଂପୃକ୍ତ ଥିବା ଅନ୍ୟ ୧୦ ଜଣଙ୍କୁ ଧରିବା ଲାଗି ଭିନ୍ନ ଭିନ୍ନ ସ୍ଥାନରେ ପୁଲିସ ତଦାଉ ଜାରି ରଖିଛି । ସୂଚନାଯୋଗ୍ୟ, ଗତ ୧୫ ତାରିଖରେ ଗୋ ମାଂସ ସୁଲଦକୁ ନେଇ ବୁଲ ଗୋଷ୍ଠୀ ମୁହାଁମୁହିଁ ହୋଇଥିଲେ ।

'ସ୍ୱର୍ଗ କୁଷ୍ଠ ସଚେତନତା' ଅଭିଯାନ ନିମିତ ଶପଥ ପାଠ

ପୁରୀ,୧୭/୧(ନି/ପ୍ର): ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ତରଫରୁ 'ସ୍ୱର୍ଗ କୁଷ୍ଠ ସଚେତନତା' ଅଭିଯାନ ନିମିତ ଏକ ଶପଥ ପାଠ ଜିଲ୍ଲା ସମନ୍ୱୟ ବୈଠକରେ ଅନୁଷ୍ଠିତ ହୋଇଯାଇଛି । ଏହି ନିମିତ ଏକ ବୈଠକ ଆଭାସୀ ମାଧ୍ୟମରେ ୧୫ ଜାନୁଆରୀରେ ଜିଲ୍ଲାପାଳଙ୍କ ଅଧକ୍ଷତାରେ ମଧ୍ୟ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ 'ସ୍ୱର୍ଗକୁଷ୍ଠ ସଚେତନତା' ଅଭିଯାନ ଉପରେ 'ଜିଲ୍ଲାପାଳଙ୍କ ବାର୍ତ୍ତା' ପଠନ କରାଯାଇଥିଲା ।

ନୂଆପଡ଼ାରୁ ୭୩ ଜଣ ବରିଷ୍ଠ ନାଗରିକଙ୍କ ଅଯୋଧ୍ୟା ଓ ବାରଣାସୀ ତୀର୍ଥଯାତ୍ରା

ନୂଆପଡ଼ା,୧୭/୧(ନି/ପ୍ର): ନୂଆପଡ଼ା ଜିଲ୍ଲାରୁ ରାଜ୍ୟ ସରକାରଙ୍କ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ୭୩ ଜଣ ସାମିଲ୍ ହୋଇ ଆଜି ଅଯୋଧ୍ୟା, ବାରଣାସୀ ଯାତ୍ରା କରିଛନ୍ତି । ଯେଉଁ ବରିଷ୍ଠ ନାଗରିକମାନଙ୍କୁ ଏହି ଯୋଜନାରେ ଚୟନ କରାଯାଇଥିଲା ସେମାନେ ଆଜି ଆବି ନୂଆପଡ଼ା ପର୍ଯ୍ୟଟନ କାର୍ଯ୍ୟାଳୟରେ ପଙ୍ଗଡିଥିଲେ । ସେଠାରେ ଡାକ୍ତର ମାନଙ୍କ ଦ୍ୱାରା ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଆବଶ୍ୟକ ଔଷଧ ପ୍ରଦାନ କରାଯାଥିଲା । ଏହି ତୀର୍ଥଯାତ୍ରୀମାନଙ୍କୁ ଜିଲ୍ଲାପାଳ ମଧୁସୂଦନ ଦାଶ ସ୍ୱାଗତ କରି ଏକ ଆନନ୍ଦ ଦାୟକ ତୀର୍ଥ ଯାତ୍ରା ପାଇଁ ଶୁଭେଚ୍ଛା ଜଣାଇଥିଲେ । ଏହି ଅବସରରେ ସମସ୍ତଙ୍କୁ ସମ୍ବୋଧନ କରି ସେ କହିଲେ ଯେ, ସମସ୍ତ ବରିଷ୍ଠ ନାଗରିକ ଏକାଠି ହୋଇ ତୀର୍ଥ ଯାତ୍ରାର ମଜା ନିଅନ୍ତୁ । କାରଣ ଓଡ଼ିଶା ସରକାରଙ୍କ ସମ୍ପୂର୍ଣ୍ଣ ନିଶ୍ଚୁଣ୍ଟ ସେବା ଯୋଜନାରେ ଏମାନେ ଭାରତବର୍ଷର ବୁଲନ୍ତି ପ୍ରମୁଖ ତୀର୍ଥକ୍ଷେତ୍ର ଅଯୋଧ୍ୟା ଓ ବାରଣାସୀ ପରିଦର୍ଶନର ସୁଯୋଗ ପାଇଛନ୍ତି । ଏହି ଗଣ୍ଡ ପଛରେ ଜିଲ୍ଲା ପ୍ରଶାସନର ସମ୍ପୂର୍ଣ୍ଣ ସହଯୋଗ ଓ ଶୁଭେଚ୍ଛା ରହିଛି । ବୁଲଜଣ ସହାୟକ ଅଧିକାରୀ ବିକ୍ରମ କେଶରୀ ହେଉନା ଓ ବୃଷ୍ଣିମାନ ମୁଣ୍ଡଙ୍କ ସହିତ ବୁଲଟି ସତନ୍ତ୍ର ବସ ଯୋଗେ ସମସ୍ତେ ରାୟପୁର ଯାତ୍ରା କରିଥିଲେ । ଆସନ୍ତାକାଲି ଅନ୍ୟ ପାଂଚଟି ଜିଲ୍ଲାର ଯଥା କଳାହାଣ୍ଡି, ରାୟଗଡ଼ା, ନବରଙ୍ଗପୁର, ମାଲକାନଗିରି ଓ କୋରାପୁଟ ତୀର୍ଥଯାତ୍ରୀମାନଙ୍କ ସହ ମିଶି ଏକ ସତନ୍ତ୍ର ରେଳ ଯୋଗେ ସମସ୍ତେ ଅଯୋଧ୍ୟା ଅଭିମୁଖେ ଯାତ୍ରା କରିବେ । ବାରାଣସୀ ମଧ୍ୟ ପରିକ୍ରମଣ କରି ଆସନ୍ତା ୨୨ ତାରିଖରେ ପ୍ରତ୍ୟାବର୍ତ୍ତନ କରିବେ । ନୂଆପଡା ପର୍ଯ୍ୟଟନ କାର୍ଯ୍ୟାଳୟରେ ନୂଆପଡା ଜିଲ୍ଲାପାଳ ଶ୍ରୀ ଦାଶ, ଅତିରିକ୍ତ ଜିଲ୍ଲାପାଳ ସୁଦାସ ଚନ୍ଦ୍ର ରଉତ ବସରୁ ସବୁଜ ପତାକା ଦେଖାଇ ତୀର୍ଥଯାତ୍ରାର ଶୁଭାରମ୍ଭ କରିଥିଲେ । ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ଘନଶ୍ୟାମ ମୁଣ୍ଡଙ୍କ ଦ୍ୱାରା ପରିଚାଳିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା କ୍ରିଡା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ବଢାଇ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମାକାନ୍ତ ବିଶ୍ୱାସ ପ୍ରମୁଖ ଯୋଗଦାନ କରିଥିଲେ ।

ଆରଏସପିରେ 'ରୋଲିଂ ମିଲ୍ ପରିଚାଳନାରେ ସୁରକ୍ଷା' ସନ୍ଦର୍ଭରେ ତୃତୀୟ ସୁରକ୍ଷା ପରିଚାଳନା କମିଟି ବୈଠକ ଆରମ୍ଭ